ଧରିତ୍ରୀ DHARITRI
December 3-9, 2023 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ



# ଖାଇବେ, ପିଇବେ ଶିଖିବେ ଜୀବନର ପାଠ

ସମସ୍ତେ ସ୍ଲୋଗାନ ଦିଅନ୍ତି ସତ। ତଥାପି ବି ଆଜି ସାଧାରଣ ଜୀବନଟେ ପରି ଜୀବନ ଜିଇଁ ପାରୁ ନାହାନ୍ତି ଏସିଡ୍ ଆଟାକ୍‌ର ଶିକାର ଝିଅଟିଏ ହେଉକି କିନ୍ନର ଅବା ଦିବ୍ୟାଙ୍ଗ। ଖାସ୍ ଏହାକୁ ନଜରରେ ରଖି ଖୋଲିଛି ଏମିତି କିଛି କାଫେ ଓ ରେଷ୍ଟୁରାଣ୍ଟ ଯେଉଁଠି ସେମାନେ ସ୍ୱାଧୀନଭାବେ କାମ କରିବା ସହ ଜାହିର କରିପାରୁଛନ୍ତି ନିଜର ସ୍ଥିତି...







# ସୁଖି ଦାମ୍ପତ୍ୟ ପାଇଁ

**ବେଳେବେଳେ ଛୋଟ ଛୋଟ କଥାକୁ ନେଇ ପତ୍ନୀପତିଙ୍କ ଭିତରେ କଥା କଟାକଟି ହୋଇଥାଏ। ଏହା ସାଧାରଣ ଲାଗିଲେ ବି ଏହା ପଛରେ ମଧ ବାସ୍ତୁଦୋଷର କିଛିଟା ଭୂମିକା ରହିଥିବା ବିଶ୍ୱାସ କରାଯାଏ। ଯେମିତିକି:**

*ବାସ୍ତୁଶାସ୍ତ୍ର ଅନୁଯାୟୀ, ସୁଖୀ ଦାମ୍ପତ୍ୟ ପାଇଁ ପତ୍ନୀପତିଙ୍କର ବେଡ୍‌ରୁମ୍ ଉତ୍ତର-ପଶ୍ଚିମ ଦିଗରେ ରହିବା ଦରକାର। ଯଦ୍ୱାରା ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇଥାଏ।



*ସମ୍ପର୍କରେ ତିକ୍ତତା ଦୂର କରିବାକୁ ହେଲେ, ପତ୍ନୀପତି ବେଡ୍‌ରୁମ୍‌ର କାନ୍ଥରେ ହାଲ୍‌କା ରଙ୍ଗର ପ୍ରୟୋଗ କରିବା ସହ ରୁମ୍‌ରେ ତାଜା ଫୁଲ ରଖିପାରିବେ।

* ପତ୍ନୀଙ୍କୁ ବେଡ୍‌ର ବାମପଟେ ଓ ପତିଙ୍କୁ ବେଡ୍‌ର ଡାହାଣ ପଟେ ଶୋଇବା ଦରକାର। ଏହାଦ୍ୱାରା ସମ୍ପର୍କରେ ଭଲ ପାଇବା ବଢିଥାଏ।

* ପତ୍ନୀପତି ବେଡ୍‌ରୁମ୍‌ରେ ଯୋଡ଼ା ହଂସର ଫଟୋକୁ ଲଗାଇପାରିବେ। କୁହାଯାଏ, ଏହାଦ୍ୱାରା ବି ସମ୍ପର୍କ ନିବିଡ଼ ହୋଇଥାଏ।

* ସମୟାନୁସାରେ ବେଡ୍‌ର ଡିଜାଇନ୍ ବି ଦିନକୁ ଦିନ ଆଧୁନିକ ହେଉଛି। ଲୋକେ କାଠ ଖଟ ତୁଳନାରେ ଏବେ ମେଟାଲ୍ ଅବା ଡିଜାଇନର୍ ଖଟ ବ୍ୟବହାର କରିବାକୁ ବେଶୀ ଭଲ ପାଉଛନ୍ତି। କିନ୍ତୁ ବାସ୍ତୁ ଅନୁଯାୟୀ, ପତ୍ନୀପତିଙ୍କୁ ସର୍ବଦା କାଠ ଖଟରେ ଶୋଇବା ଦରକାର; କାରଣ ଏହାର ସୁପ୍ରଭାବ ଦାମ୍ପତ୍ୟ ଜୀବନ ଉପରେ ପଡିଥାଏ।

* ଦମ୍ପତିଙ୍କୁ ସର୍ବଦା ଦକ୍ଷିଣ ଦିଗକୁ ମୁଣ୍ଡ ଏବଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇବା ଦରକାର। କାରଣ ଏହାଦ୍ୱାରା ଶରୀର ଭଲ ରହିବା ସହ ସମ୍ପର୍କ ନିବିଡ଼ ହୋଇଥାଏ।

*ଏସବୁ ପରେ ବି ସୁଖୀ ଦାମ୍ପତ୍ୟ ପାଇଁ ପତ୍ନୀପତିଙ୍କ ଭିତରେ ବିଶ୍ୱାସ ଓ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ ବୋଲି ବାସ୍ତୁବିତମାନେ ମତ ଦେଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୩-୯

**ମେଷ**
ସାହାଯ୍ୟ ସହଯୋଗ ପାଇବେ, ଦୂରସ୍ଥାନକୁ ଯିବାକୁ ପଡିବ, ଆହାରରେ ସଂଯମତା ଜରୁରୀ, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା, ବ୍ୟସ୍ତତା ଅନୁଭବ କରିପାରନ୍ତି, ଭ୍ରାତୃସମ୍ପର୍କ ବଢିବ, ଘରକିଣିବାକୁ ଯୋଜନା, ବନ୍ଧୁଙ୍କ ପ୍ରତଶ୍ରୁତି ପାଇବେ ॥

**ବୃଷ**
ଅପଯଶ ପାଇ ପାରନ୍ତି, ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ, ବିରକ୍ତି ପ୍ରକାଶ କରନ୍ତୁନି, ବିବାଦୀୟ ପରିସ୍ଥିତି ସୃଷ୍ଟି, ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ ହେବ, ଚାପବୃଦ୍ଧି, ସନ୍ତାନଙ୍କ ଅଳି, ପରୋକ୍ଷ ଶତ୍ରୁତାରୁ କର୍ମହାନୀ, ବୈବାହିକ ଆଲୋଚନା ॥

**ମିଥୁନ**
କାର୍ଯ୍ୟସିଦ୍ଧି ଘଟିବ, ମିତ୍ରବନ୍ଧୁ ଜୁଟିବେ, ଆତ୍ମୀୟଙ୍କ ଉଦାରତା, ଖର୍ଚ୍ଚ ପରିମାଣ ବଢିବ, କ୍ରୀଡା କ୍ଷେତ୍ରରେ ସଫଳତା, କାନ କୁହାକଥା ଶୁଣନ୍ତୁନି, ନୂତନ କାମର ପରିକଳ୍ପନା, ବନ୍ଧୁଙ୍କ ଓଲଟା କଥା, ଏକାଧିକ କାମରୁ ବ୍ୟସ୍ତତା, କଳହର ସମ୍ମୁଖୀନ ହେବେ ॥

**କର୍କଟ**
ବନ୍ଧୁଙ୍କ ପରାମର୍ଶ ପ୍ରାପ୍ତି, ତରବରିଆ ପଦକ୍ଷେପରୁ ଅସୁବିଧା, ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି, ପ୍ରତୀକ୍ଷିତ ଖବର ପାଇବେ, ବନ୍ଧୁ ଉପରେ ବୃଥା ସନ୍ଦେହ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା, ବିବାଦରେ ପଶନ୍ତୁନି ॥

**ସିଂହ**
କାର୍ଯ୍ୟରେ ଅବହେଳା, ଉପରିସ୍ଥଙ୍କ ଚାପ, ବ୍ୟସ୍ତତା ବଢିଯିବ, ଚେଷ୍ଟା ସଫଳର ଆଶା, ସହକର୍ମୀ ସାହାଯ୍ୟ କରିବେ, ବିବାହ ପ୍ରସ୍ତାବ ଆସିପାରେ, ବାକ୍ ଅସଂଯମତାରୁ କଳହ, ସୁସମ୍ପର୍କ ବ୍ୟାହତ ହେବ, ବ୍ୟବସାୟରେ ଉନ୍ନତି ॥

**କନ୍ୟା**
ନୈରାଶ୍ୟତା ବୃଦ୍ଧି, ସ୍ୱାସ୍ଥ୍ୟ ସମସ୍ୟା, ଆତ୍ମୀୟଙ୍କ ସାହାଯ୍ୟ, ନୂତନ କାର୍ଯ୍ୟାରମ୍ଭ, ବାଣିଜ୍ୟରେ ଲାଭ, ଅପ୍ରିୟ ସତକଥାରୁ ବିବାଦ, ଅବସାଦଗ୍ରସ୍ତ ହେବେ, ସମ୍ପର୍କ ଯୋଡି ହୋଇଯିବ, ପରୋକ୍ଷ ଶତ୍ରୁତାରୁ ଟେନସନ୍, ପରିବହନରେ ସମସ୍ୟା, ଆଇନ ସହାୟତା ପ୍ରାପ୍ତି ॥

**ତୁଳା**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବନ୍ଧୁବର୍ଗଙ୍କ ପ୍ରଶଂସା, ମିତ୍ରତା ବୃଦ୍ଧି, ଆର୍ଥିକ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା, କଳାରେ ଉତ୍କର୍ଷତା, ସାହିତ୍ୟରେ ଉନ୍ନତି, ଆନନ୍ଦ ଦାୟକ ଭ୍ରମଣ, ବାଣିଜ୍ୟରେ ପ୍ରତିବନ୍ଧକ ॥

**ବିଛା**
ସମସ୍ୟାର ସମାଧାନ, କର୍ମକ୍ଷେତ୍ରରେ ଗୌରବ, ବ୍ୟବସାୟରେ କ୍ଷତି, ଜମିଜମା ବିବାଦ, ବିଫଳତାରୁ ମନସ୍ତାପ, ସାହାଯ୍ୟ ପ୍ରତିଶ୍ରୁତି ପ୍ରାପ୍ତି, ଅଶୌଚଖବର ପାଇବେ, ସାମୟିକ ଭାବରେ ବିବ୍ରତ, ଦୂରଯାତ୍ରର ଯୋଜନା ॥

**ଧନୁ**
ପାରିବାରିକ ଶାନ୍ତି, ବୁଝାମଣାରେ ଉନ୍ନତି, ସ୍ଥଗିତ କାର୍ଯ୍ୟାରମ୍ଭ, ଦୃଢନିଷ୍ପତି ନେବେ, ବୈଷୟିକ ଅଭିବୃଦ୍ଧି, ସ୍ତ୍ରୀଙ୍କ ସୁପରାମର୍ଶ, ସୁଯୋଗର ସଦ୍ ବ୍ୟବହାର, ପଦୋନ୍ନତିର ସୂଚନା, ଭ୍ରମଣ ଉପଭୋଗ୍ୟ ହେବ, ତିକ୍ତତାର ସମାପ୍ତି ଘଟିବ, ବିଦେଶଯାତ୍ରାର ସୁଯୋଗ ॥

**ମକର**
ଶାରୀରିକ ସୁସ୍ଥତା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ବ୍ୟାପାରରେ ଲାଭବାନ, ମିତ୍ରଙ୍କ ସହଯୋଗ, ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଗାମ୍ଭୀର୍ଯ୍ୟ ରକ୍ଷା କରିବେ, ଆଭୂଷଣ କ୍ରୟ କରିବେ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ବନ୍ଧୁ ଉପରେ ସନ୍ଦେହ, ଭୂ-ସଂପତିରେ ବିବାଦ ॥

**କୁମ୍ଭ**
ପ୍ରତିକୂଳ ପରିବେଶ, ପରିସ୍ଥିତିର ତାଡନା, ବନ୍ଧୁବର୍ଗଙ୍କ ଅସହଯୋଗ, ମିଥ୍ୟାଭିଯୋଗ ଆସିପାରେ, ମାନସିକ ଅସୁସ୍ଥତା, ସରକାରୀ ସହାୟତା ପାଇବେ, କାମ ଉତ୍ସାହପ୍ରଦ ହେବ, ଲୋକସମ୍ପର୍କ ବଢ଼ିବ, ସାମ୍ବାଦିକତାରୁ ଗୌରବ, ପ୍ରଶାସନିକ ତତ୍ପରତା ॥

**ମୀନ**
ସମସ୍ୟା ସମାଧାନ, କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ, ଗୁରୁପାକ ଭୋଜନ, ଖର୍ଚ୍ଚ ପରିମାଣ ବୃଦ୍ଧି, ପ୍ରତିବନ୍ଧକର ସମ୍ମୁଖୀନ, ପରିବହନରେ ସମସ୍ୟା, ପରୋକ୍ଷ ଶତ୍ରୁତା, ତୀର୍ଥଯାତ୍ରାର ସୁଯୋଗ, ସନ୍ତାନଙ୍କ କୃତିତ୍ୱ, ଋଣଗ୍ରସ୍ତ ହୋଇପାରନ୍ତି, ବିବାଦର ସମାଧାନ, ଧର୍ମକାର୍ଯ୍ୟ କରିବେ ॥

# ସ୍ୱାସ୍ଥ୍ୟବର୍ଦ୍ଧକ କନ୍ଦମୂଳ



କନ୍ଦମୂଳ ଖାଇବାକୁ ଯେମିତି ସୁସ୍ୱାଦୁ ଲାଗେ ସେମିତି ଶରୀର ପାଇଁ ବେଶ୍ ଉପକାରୀ ମଧ ହୋଇଥାଏ। କାରଣ ଏଥିରେ ଭରି ରହିଥାଏ ଭିଟାମିନ୍ ଏ, ବିଟା କ୍ୟାରୋଟିନ୍, ମିନେରାଲ୍ସ ଓ ଆଣ୍ଟି ଅକ୍ସିଡାଣ୍ଟ ଇତ୍ୟାଦି। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଆଖି ଭଲ ରହିଥାଏ। ଦୃଷ୍ଟିଶକ୍ତି ବି ବୃଦ୍ଧି ପାଇଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର୍ ରହୁଥିବାରୁ କୋଲେଷ୍ଟ୍ରଲ୍‌କୁ କମ୍ କରିବାରେ ମଧ ଏହା ସହାୟକ ହୋଇଥାଏ। ବ୍ଲଡ୍ ପ୍ରେଶର୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। ଶରୀରରେ ଆଇରନ୍‌ର ମାତ୍ରା କମ୍ ରହୁଥିଲେ କନ୍ଦମୂଳର ସେବନ ଲାଭଦାୟକ ହୋଇଥାଏ। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଶରୀରକ୍ ଶକ୍ତି ମଧ ମିଳିଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି କନ୍ଦମୂଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାର ସେବନ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

* ନା ଅଛି ମା'ର ପଣତ, ନା ମୁଣ୍ଡ ଉପରେ ବାପାଙ୍କ ହାତ। ତଥାପି ବଞ୍ଚିବା ପାଇଁ ପ୍ରତିମୁହୂର୍ତ୍ତରେ ସଂଘର୍ଷ କରି ଚାଲିଛନ୍ତି ଏଇ କୁନି ପିଲାମାନେ। ଆଉ ଏହି ମା' ବାପା ଛେଉଣ୍ଡ ପିଲାଙ୍କୁ ଏକାଛାଡ଼ି ନ ଦେଇ ତାଙ୍କୁ ସାହାରାର ହାତ ବଢାଇଛନ୍ତି କିଛି ଦରଦୀ ମଣିଷ। ତେଣୁ 'ସାହାରାର ହାତକୁ' ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମର୍ମସ୍ପର୍ଶୀ ଥିଲା। 'ବାସ୍ତୁଦୋଷ ଦୂର ପାଇଁ', 'ଭୟଙ୍କର ସ୍ୱପ୍ନ ଦେଖୁଥିଲେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପ୍ରଣତି ଦାଶ, ପଟିଆ, ଭୁବନେଶ୍ୱର*

* ସେମାନେ ଥିଲେ ଖେଳକୁଦ କରିବା ବୟସର। ଜୀବନକୁ ବୁଝିବା ପୂର୍ବରୁ ଭାଗ୍ୟ ସେମାନଙ୍କଠୁ ସବୁ ସୁଖ ଛଡ଼ାଇ ନେଲା। ମା'ବାପା ସବୁଦିନ ପାଇଁ ସଂସାର ଛାଡ଼ି ଚାଲିଗଲେ ଆରପାରିକୁ। ବେସାହାରା ହୋଇଗଲେ ପିଲାମାନେ। ହେଲେ ସେମାନଙ୍କ ପାଦକୁ ଅଟକିବାକୁ ଦିଅନ୍ତିନି କେହି କେହି। ସେମାନେ ବନ୍ଧୁ ସମ୍ପର୍କୀୟ ରୂପରେ ସାହାରା ହୋଇ ଠିଆ ହୁଅନ୍ତି ଏହି ନିସହାୟ ପିଲାମାନଙ୍କ ପାଇଁ ଆଉ ତାଙ୍କୁ ବଞ୍ଚିବାର ନୂଆ ଏକ ରାସ୍ତା ଦେଖାନ୍ତି। ତେଣୁ 'ସାହାରାର ହାତ'କୁ ନେଇ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'ସୁପରମ୍ୟାନ୍' ପାଠଟି ବି ଏକ ନିଆରା ପ୍ରସଙ୍ଗ ଥିଲା।

*– ସରୋଜିନୀ ସାହୁ, ପ୍ରେସ୍ ଛକ, କଟକ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ବହୁ ପ୍ରତିଭାର ମିଳନ ବିନ୍ଦୁ ଡାକ୍ତର ଦୀନବନ୍ଧୁ ସାହୁଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଯୁଦ୍ଧ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଭୁଲନ୍ତି ନାହିଁ କିଆରା', 'ଇଂରାଜୀ ଉପନ୍ୟାସ ପଢି ନଥିଲେ', 'ମାତ୍ର ଆଠ' ଶୀର୍ଷକ ପ୍ରସଙ୍ଗଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ତଥା ଅଧ୍ୟାପକ ଚିଦାନନ୍ଦ ଦାସଙ୍କ ପ୍ରଥମ ରୋଜଗାରର ଅନୁଭୂତି ବି ମନଛୁଆଁ ହୋଇଥିଲା।

*– ପ୍ରକାଶ ବିଶ୍ୱାଳ, ବାଳିଗୁଆଳି, ପୁରୀ*

* ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ମେନ୍ସ ୱିଣ୍ଟର ଫ୍ୟାଶନ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସଞ୍ଜୀବ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ ଐତିହାସିକ ସହର ଓର୍‌ଛା ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'କାଗଜ କଥା' ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

*– ସିକୁନ୍ ମିଶ୍ର, ଭଦ୍ରକ*

* ଏଥରର ବ୍ୟଙ୍ଗ 'ଆଧ୍ୟାତ୍ମିକ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ତ୍ରେ ଗନ୍ ଥିବା ଝିଟିପିଟି', 'ଡେଙ୍ଗା ଗାଈ', 'ଗୁର୍‌ଗାଓଁର ଆଲ୍ଲାଦୀନ' ଆଦି ପାଠଗୁଡ଼ିକ ମଜାଦାର୍ ସହିତ ଆଶ୍ଚର୍ଯ୍ୟକର ଥିଲା।

*– ପ୍ରଫୁଲ୍ଲ ପ୍ରଧାନ, ନିମାପଡ଼ା*

## ବିଶେଷ ଚିଠି




ସାହାରାର ହାତ
ଥିଲା ଏକ ନିଆରା ଆଲେଖ୍ୟ,
ଦେଉଥିଲା ବାର୍ତ୍ତା ସିଏ
ସ୍ନେହ, ପ୍ରେମ, ମମତାର।
ସୃଜନ, ସିନେମା ବି ଥିଲା ଚମତ୍କାର
ତା'ସାଙ୍ଗକୁ ନିଆରା ଥିଲା ସହରଠୁ ଦୂର,
ସେଥିପାଇଁ ହେ ମୋର ପ୍ରିୟ ଛୁଟିଦିନ
ତୁମକୁ ଝୁରୁଥାଏ ନିତ୍ୟ ମୋର ଏହି ମନ।
*– ରୋଶ୍‌ନୀ ମହାପାତ୍ର, ସମ୍ବଲପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



ଆଜିକାର ଯୁଗରେ ସମସ୍ତେ ନିଜକୁ ଆଧୁନିକ ମଣୁଛନ୍ତି ସତ। ହେଲେ ଏବେବି କେଉଁଠି ନା କେଉଁଠି ଲୁଚି ରହିଛି ମଣିଷର କୁତ୍ସିତ ମାନସିକତା। ସେଇଥିପାଇଁ ତ ଏସିଡ୍ ଆଟାକ୍‌ର ଶିକାର ଝିଅଟିଏ ହେଉକି କିନ୍ନର ଅବା ଦିବ୍ୟାଙ୍ଗ, ସମାଜରେ ପାଇ ପାରୁ ନାହାନ୍ତି ତାଙ୍କର ଉଚିତ ସମ୍ମାନ। ଜିଇଁପାରୁ ନାହାନ୍ତି ସାଧାରଣ ମଣିଷ ପରି। ଖାସ୍ ଏହାକୁ ନଜରରେ ରଖି ଖୋଲିଛି ଏମିତି କିଛି କାଫେ ଓ ରେଷ୍ଟୁରାଣ୍ଟ ଯେଉଁଠି ସେମାନେ ସ୍ୱାଧୀନଭାବେ କାମ କରୁଛନ୍ତି। ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆଉ ସମାଜରେ ନିଜର ସ୍ଥିତିକୁ ଜାହିର କରିପାରିଛନ୍ତି...

# ଖାଇବେ, ପିଇବେ ଶିଖିବେ ଜୀବନର ପାଠ







କିଛି ସମୟ ଆନନ୍ଦର ମୁହୂର୍ତ୍ତ ବିତାଇବା ସହ ସୁସ୍ୱାଦୁ ଖାଦ୍ୟ ଖାଇବା ଲାଗି ଅନେକେ ଯାଆନ୍ତି କାଫେ ଅବା କୌଣସି ରେଷ୍ଟୁରାଣ୍ଟ। ତେବେ ଯଦି ସେହି ମୁହୂର୍ତ୍ତ ଟିକକ ହୋଇଯାଏ ଅଭୁଲା ଓ ଅପାସୋରା, ଓଠରେ ଆପେ ଫୁଟିଉଠେ ହସ। ଆଉ ସେଇ ସ୍ମୃତି ସବୁ ରହି ରହି ମନେପଡ଼େ ଜୀବନ ସାରା। ଏଇ ଯେମିତି କିଛି କାଫେ, ରେଷ୍ଟୁରାଣ୍ଟ ଅଛି ଯେଉଁଠି କାମ କରୁଛନ୍ତି ଦିବ୍ୟାଙ୍ଗ, କିନ୍ନର, ଏସିଡ ଆଟାକ୍‌ର ଶିକାର ହୋଇଥିବା କିଛି ମଣିଷ। ସେମାନଙ୍କ ସଂଘର୍ଷଭରା ଜୀବନ କାହାଣୀ କେବେ ଆଖିକୁ ଓଦା କରିବ ତ ଆଉ କେବେ ସେମାନଙ୍କ ଆତ୍ମବିଶ୍ୱାସ, ଆତିଥ୍ୟ ଓ ସୁଖିଲା ଓଠର ହସ ଶିଖାଇବ ଜୀବନର ନୂଆ ପାଠ...

**ବମ୍ବଇ ନଜରୀୟା:** ମୁମ୍ବାଇର ଭର୍ସୋଭା, ଅନ୍ଧେରୀ ୱେଷ୍ଟରେ ଥିବା ଏହି ରେଷ୍ଟୁରାଣ୍ଟକୁ ପ୍ରବେଶ କରିବାମାତ୍ରେ ରଙ୍ଗିନ ପରିବେଶ ସହ ସୁନ୍ଦର ଆତିଥ୍ୟ ମନ ମୋହିବ। ଏଠାକାର ଷ୍ଟାଫ୍ ଔଜ୍ଜ୍ୱଲ୍ୟମାନ ଫୁଲ ପ୍ରିଣ୍ଟ ପଡ଼ିଥିବା ଆପ୍ରୋନ ପିନ୍ଧିଥାନ୍ତି। ଆଉ ବେଶ୍ ସଜେଇ ହୋଇଥାନ୍ତି। ତେବେ ଖାସ୍ କଥା ହେଉଛି ରୋଷେଇ ଘରଠାରୁ ଆରମ୍ଭ କରି ଖାଦ୍ୟ ପରଷିବା ପର୍ଯ୍ୟନ୍ତ ଥିବା ଏଠାକାର ସମସ୍ତ ଷ୍ଟାଫ୍ ହେଉଛନ୍ତି ଟ୍ରାନ୍ସଜେଣ୍ଡର ବା କିନ୍ନର। ସେମାନେ ଗ୍ରାହକଙ୍କୁ ସସମ୍ମାନେ, ସହାସ୍ୟ ବଦନରେ ଓ ସୁନ୍ଦର ବ୍ୟବହାର ସହ ରେଷ୍ଟୁରାଣ୍ଟ ଭିତରକୁ ପାଛୋଟି ନିଅନ୍ତି। ଆଦରରେ ଆଲିଙ୍ଗନ କରନ୍ତି। ସୁନ୍ଦରଭାବେ ଖାଦ୍ୟ ବି ପରଷି ଦିଅନ୍ତି। ଉକ୍ତ ରେଷ୍ଟୁରାଣ୍ଟର ପିଙ୍କ୍ ଚାଏ, ବିଭିନ୍ନ ଫ୍ଲେଭର୍‌ର ପଲୋଞ୍ଜି ସୋଡ଼ା, ବନ୍ ମସ୍କା ଏବଂ ପାଓ ଭାଜି ବହୁତ ଲୋକପ୍ରିୟ। ଏହି ରେଷ୍ଟୁରାଣ୍ଟର କୋ ଫାଉଣ୍ଡର ଡିଏଗୋ ମିରାଣ୍ଡା କୁହନ୍ତି, 'ମୋ ବାପାଙ୍କର ସ୍ୱପ୍ନ ଥିଲା ସମାଜରେ ଅବହେଳିତ ତଥା ଉଚିତ ସମ୍ମାନ ପାଉ ନ ଥିବା ଟ୍ରାନ୍ସଜେଣ୍ଡରଙ୍କ ପାଇଁ କିଛି କରିବା। ସେଥିପାଇଁ ମୁଁ ମୋ ପାର୍ଟନରଙ୍କ ସହ ମିଶି ଏହି ରେଷ୍ଟୁରାଣ୍ଟ ଖୋଲିଲି।'ଏହି ରେଷ୍ଟୁରାଣ୍ଟର ସ୍ଲୋଗାନ ହେଉଛି 'ନଜରୀୟା ବଦଲୋ, ନଜାରା ବଦଲେଗା'। କିନ୍ନରଙ୍କୁ ସ୍ୱାଭିମାନର ଜୀବନ ଦେଉଥିବା ଏହି ରେଷ୍ଟୁରାଣ୍ଟରେ ଗ୍ରାହକମାନେ ଏକ ଭଲ ଅନୁଭୂତି ନେଇ ଫେରନ୍ତି। କାରଣ ସେମାନେ ଏଠାରେ ଏକ ଘରୋଇ ପରିବେଶ ପାଇଥାନ୍ତି।'



**କାଫେ ପଜିଟିଭ୍:** ଏଚ୍‌ଆଇଭି ପଜିଟିଭ୍ ବ୍ୟକ୍ତିଙ୍କୁ ସମାଜରେ କେହି ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଯଦିଓ ସମସ୍ତେ ଜାଣନ୍ତି ଏହି ରୋଗ କେମିତି ବ୍ୟାପେ ତଥାପି ତାଙ୍କ ସହ ମିଶିବାକୁ ସମସ୍ତେ ଡରନ୍ତି। ସେହି ରୋଗୀଙ୍କୁ ସମସ୍ତେ ଘୃଣା କରନ୍ତି। ଫଳରେ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ମାନସିକ ଚାପଗ୍ରସ୍ତ ହୋଇ ଅଧିକ ରୋଗାକ୍ରାନ୍ତ ହୋଇଯାଏ। ଏହାକୁ ନଜରରେ ରଖି କୋଲକାତାରେ ଖୋଲା ଯାଇଛି 'କାଫେ ପଜିଟିଭ' ନାମକ ଏକ କାଫେ ଯାହା ଏଚ୍‌ଆଇଭି ପଜିଟିଭ୍ ରୋଗୀଙ୍କ ଦ୍ୱାରା ପରିଚାଳିତ। କାଲୋ ଘୋଷ ନାମକ ଜଣେ ବ୍ୟକ୍ତି ଏହି କାଫେକୁ ଖୋଲିଛନ୍ତି। କାଲୋଙ୍କୁ ପ୍ରଥମେ ଉକ୍ତ କାଫେ ଖୋଲିବା ଲାଗି ଅନେକ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଥିଲା। କାରଣ ଏହାକୁ ଖୋଲିବା ଲାଗି କେହି ଜାଗା ଦେଇ ନ ଥିଲେ। ଶେଷରେ ଜଣେ ଦୟାବନ୍ତ ବ୍ୟକ୍ତି ତାଙ୍କ ଗ୍ୟାରେଜ ଦେଇଥିଲେ କାଫେ ଖୋଲିବା ଲାଗି। ଆଉ ୨୦୧୪ରେ ଏହି କାଫେ ଖୋଲିଲା। ଏଠାରେ କଫି ବ୍ୟତୀତ ମଫିନ୍, କୁକିଜ୍, ସାଣ୍ଡୱିଚ୍ ଆଦି ମିଳେ। ଆଉ ଏଚ୍‌ଆଇଭି ପଜିଟିଭ୍ ବ୍ୟକ୍ତିମାନେ ହିଁ ଗ୍ରାହକଙ୍କୁ ସବୁ ପରଷିଥାନ୍ତି। ସେମାନଙ୍କ ଭଲ ବ୍ୟବହାର ତ ଏବେ ଗ୍ରାହକଙ୍କ ମନ ଜିଣି ପାରିଛି। ଆଉ ଗ୍ରାହକଙ୍କ ସଂଖ୍ୟା ବି ବଢ଼ିଛି।



**ମିର୍ଚ୍ଚି ଆଣ୍ଡ ମାଇମ୍:** ୨୦୧୫ରେ ଦୁଇଜଣ ଉଦ୍ୟୋଗପତି ତଥା ନିବେଶକ ପ୍ରଶାନ୍ତ ଈଶ୍ୱର ଓ ଅନୁଜ ଶାହ ଏହି ରେଷ୍ଟୁରାଣ୍ଟକୁ ସ୍ଥାପନ କରିଥିଲେ। ଦୁହେଁ ଥରେ କାନାଡାର 'ସାଇନ୍‌ସ' ନାମକ ମୂକବଧିରଙ୍କ ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଯାଇଥିଲେ। ଆଉ ସେଇଠୁ ପ୍ରେରଣା ପାଇ ସେମାନେ ମୁମ୍ବାଇରେ ମୂକବଧିରଙ୍କ ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଖୋଲିବାକୁ ନିଷ୍ପତ୍ତି ନେଲେ। ୨୦୧୫ରେ ସେମାନେ ଉକ୍ତ ରେଷ୍ଟୁରାଣ୍ଟ ସ୍ଥାପନ ବି କଲେ। ଆଉ ସେଠି ମୂକବଧିର ମହିଳା ଓ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଲେ। ଏହି ରେଷ୍ଟୁରାଣ୍ଟର ଇଣ୍ଟେରିୟର୍ ବହୁତ ଆକର୍ଷଣୀୟ। ଏହାଛଡ଼ା ଗ୍ରାହକମାନେ ଯେମିତି ରେଷ୍ଟୁରାଣ୍ଟ କର୍ମଚାରୀଙ୍କ ସାଇନ୍ ଲାଙ୍ଗୁଏଜ ବୁଝିପାରିବେ ସେଥିପାଇଁ ମେନ୍ୟୁରେ ଖାଦ୍ୟ ସହ ତା'ର ସାଇନ୍ ଲାଙ୍ଗୁଏଜ୍ ପ୍ରିଣ୍ଟ କରାଯାଇଛି। ରେଷ୍ଟୁରାଣ୍ଟର ବିଭିନ୍ନ ସ୍ଥାନରେ ମଧ୍ୟ ସାଇନ୍ ଲାଙ୍ଗୁଏଜ୍ ପ୍ରିଣ୍ଟ କରାଯାଇଛି, ଯେମିତିକି ଷ୍ଟାଫ୍‌ଙ୍କ ସହ ଭାବର ଆଦାନ ପ୍ରଦାନ କରିବା ସହଜ ହେବ । ଏଠାକାର ଖାଦ୍ୟ ବି ବେଶ୍ ସ୍ୱାଦିଷ୍ଟ। ତେଣୁ ଉକ୍ତ ରେଷ୍ଟୁରାଣ୍ଟର ଲୋକପ୍ରିୟତା ବଢ଼ିବାରେ ଲାଗିଛି।

**ମିଟ୍ଟି କାଫେ:** ଭିନ୍ନକ୍ଷମମାନେ ଯେମିତି ସମାଜରେ ସ୍ୱାବଲମ୍ବୀ ହୋଇପାରିବେ। ସମ୍ମାନର ସହ ଜିଇପାରିବେ ତାହାକୁ ନଜରରେ ରଖି ଏକ ନନ୍ ପ୍ରଫିଟ୍ ଅର୍ଗାନାଇଜେଶନ୍ 'ମିଟ୍ଟି କାଫେ' ନାମରେ ଏକ କାଫେ ଚେନ୍ ସାରା ଦେଶରେ ଖୋଲିଛି। ଯେଉଁଠି ଶାରୀରିକ ଓ ମାନସିକ ଅକ୍ଷମ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଉଛି।





→







ଆଉ ସେଇମାନଙ୍କ ଦ୍ୱାରା କାଫେ ସମ୍ପୂର୍ଣ୍ଣଭାବେ ପରିଚାଳିତ ହେଉଛି। ଏଠାରେ ମେନ୍ୟୁ ବ୍ରେଲ୍‌ରେ ଲେଖାଯାଇଥିବା ସହ ସେଲ୍ଫ ଏକ୍ସପ୍ଲାନେଟୋରି ପ୍ଲାକାର୍ଡ ଓ ସିଗ୍ନାଲ ଦେବା ପାଇଁ ଲାଇଟ୍‌ର ବ୍ୟବସ୍ଥା ବି ଅଛି। ଯଦ୍ୱାରା ଗ୍ରାହକ ଓ ଷ୍ଟାଫ୍‌ଙ୍କ ସହ ଭାବର ଆଦାନ ପ୍ରଦାନ ସହଜ ହୁଏ। ୨୭ ବର୍ଷୀୟା ଏଲିନା ଆଲାମ ଏହି କାଫେକୁ ପ୍ରଥମେ ବାଙ୍ଗାଲୋରରେ ସ୍ଥାପନ କରିଥିଲେ। ଏହି କାଫେ ପ୍ରତିଷ୍ଠା ପଛରେ ବି ଏକ କଥା ରହିଛି। ଏଲିନା ବାଙ୍ଗାଲୋର୍‌ର ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସମର୍ଥନମ୍ ଟ୍ରଷ୍ଟରେ ଇଣ୍ଟର୍ନଶିପ୍ କଲାବେଳେ ଜାଣିବାକୁ ପାଇଥିଲେ ଯେ, ଭିନ୍ନକ୍ଷମଙ୍କ ଭିତରେ ବି ଅନେକ ଦକ୍ଷତା ଅଛି। ତେଣୁ ଏହିଭଳି ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରି ଜିଇବାର ନୂଆ ଦିଗ ଦେଖେଇବା ଲାଗି ଏଲିନା ଏହି କାଫେ ଆରମ୍ଭ କରିଥିଲେ। ସମସ୍ତେ ମାଟିରୁ ଆସିଛନ୍ତି ଓ ଦିନେ ସମସ୍ତେ ମାଟିରେ ଲୀନ ହୋଇଯିବେ। ତେଣୁ କାଫେର ନାଁ ଦେଲେ 'ମିଟ୍ଟି କାଫେ'। ଭୂମିରେ ଘୋଷାରି ହୋଇ ଚାଲୁଥିବା ମଣିଷ ବି ଏଠି ନୂଆ ଜୀବନ ପାଇଛି। ହ୍ୱିଲ ଚେୟାରରେ ବସି ଖାଦ୍ୟ ପରଷିବାଠୁ ଆରମ୍ଭ କରି ଟଙ୍କା ଗଣି ରଖିବା ସବୁ କାମ କରୁଛି। ଏଠାରେ ଗ୍ରାହକମାନେ ସୁନ୍ଦର ଆତିଥ୍ୟ ସହ କଫି, ଗ୍ଲୁଟୋନ ଫ୍ରି ଓ ଭେଜିଟାରିଆନ ଖାଦ୍ୟ ପାଇପାରିବେ। ତା'ସହ ସ୍ୱାଦିଷ୍ଟ ଓ ହେଲ୍‌ଦି ପିଜ୍ଜାର ବି ମଜା ନେଇପାରିବେ।

**ସିରୋଜ ହାଙ୍ଗଆଉଟ୍ କାଫେ:** ସେ ଏକତରଫା ପ୍ରେମ ହେଉ ଅବା କୌଣସି ବ୍ୟକ୍ତିଗତ ଶତ୍ରୁତା, ବେଳେବେଳେ ମଣିଷ ଏତେ ହିଂସ୍ର ଓ ଅମଣିଷ ପାଲଟିଯାଏ ଯେ, ଜଣଙ୍କ ଉପରକୁ ଏସିଡ୍‌ରେ ଆକ୍ରମଣ କରି ଜିଇ ଥାଉ ଥାଉ ନର୍କ ଯନ୍ତ୍ରଣା ଦେବାକୁ ପଛାନ୍ତି ନାହିଁ। ଏହି ଏସିଡ୍ ଆକ୍ରମଣରେ ଲୋକେ ବେଳେବେଳେ ମୃତ୍ୟୁବରଣ କରୁଥିବାବେଳେ କେହି କେହି ସଂଘର୍ଷ କରି ବଞ୍ଚି ଯାଆନ୍ତି। ହେଲେ ବଞ୍ଚି ଥାଉ ଥାଉ ସେମାନେ ଏକରକମ ଶବ ପାଲଟି ଯାଆନ୍ତି। ଭୟଙ୍କର ଚେହେରା ଓ ଅକଥନୀୟ କଷ୍ଟ ସେମାନଙ୍କ ଜୀବନକୁ ଦୁର୍ବିଷହ କରିଦିଏ। ଘରୁ ବାହାରିବା, ସମାଜକୁ ସାମ୍ନା କରିବାକୁ ସାହସ ହୁଏନା। ସମାଜ ବି ଅନେକ ସମୟରେ ସେମାନଙ୍କ ପ୍ରତି ନିର୍ଦ୍ଦୟ ପାଲଟିଯାଏ। ସେମାନଙ୍କୁ ମିଳେନା ସମାଜର ସହାନୁଭୂତି। ସମସ୍ତେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଏମିତିକି ସେମାନଙ୍କୁ କେଉଁଠି କାମ ବି ମିଳେନା। ଫଳରେ ଜିଇବାର ଆଶା ସେମାନଙ୍କର ମଉଳିଯାଏ। ଏମିତିରେ ଆଗ୍ରାର ଛାୟା ଫାଉଣ୍ଡେସନ ଓ ଷ୍ଟପ୍ ଏସିଡ୍ ଆଟାକ୍‌ର ଆଲୋକ ଦୀକ୍ଷିତ ସ୍ଥାପନ କରିଛନ୍ତି ଏକ କାଫେ, ଯାହାର ନାଁ 'ସିରୋଜ୍ ହାଙ୍ଗଆଉଟ୍'। ଏଠି ଏସିଡ୍ ଆଟାକ୍‌ର ଶିକାର ମହିଳାଙ୍କୁ ଦିଆଯାଉଛି ନିଯୁକ୍ତି। ରୋଷେଇଠୁ ଆରମ୍ଭ କରି ପରଷିବା, ଏମିତିକି କାଫେର ବ୍ୟୟ ଅଟକଳ କାମ ସବୁକିଛି ଏହି ଏସିଡ୍ ଆଟାକ୍ ସର୍ଭାଇଭର୍‌ମାନେ କରନ୍ତି। ସେମାନଙ୍କ ବିକୃତ ହୋଇଯାଇଥିବା ଚେହେରା ସେମାନଙ୍କ ସହ ଘଟିଥିବା ଲୋମହର୍ଷକ ଘଟଣାକୁ ବୟାନ କରୁଥିବାବେଳେ ତାଙ୍କ ଚେହେରାରେ ତଥାପି ଫୁଟି ଉଠୁଥିବା ହସ ସେମାନଙ୍କ ଅନ୍ତର୍ନିହିତ ଶକ୍ତି ଓ ଆତ୍ମବିଶ୍ୱାସକୁ ଦର୍ଶାଏ। ଏହି କାଫେ ସେମାନଙ୍କୁ ରୋଜଗାର ଦେବାସହ ହଜି ଯାଇଥିବା ଆତ୍ମବିଶ୍ୱାସକୁ ବି ଫେରାଇ ପାରିଛି। ତେଣୁ ବେଶ୍ ଲୋକପ୍ରିୟ ଏହି କାଫେ। ଏଠାରେ ଲାଇଟ୍ ମିଲ, ସ୍ନାକ୍ସ ସହ ବିଭିନ୍ନ ପ୍ରକାର ପାନୀୟ ମିଳେ। ୨୦୧୪ରେ ଆରମ୍ଭ ହୋଇଥିବା ଏହି କାଫେର ଶାଖା ଏବେ ଲକ୍ଷ୍ନୌ ଓ ନୋଇଡାରେ ବି ଅଛି।

**ଟେରାସିନ:** ଡା. ସୋନମ କାପ୍‌ସେ ଯେ କି ଜଣେ କ୍ୟାନ୍ସର ଜେନେଟିକ୍ସ ସୁପର ସ୍ପେଶାଲିଷ୍ଟ ସର୍ଜନ। ସେ ପୁଣେରେ ସ୍ଥାପନ କରିଛନ୍ତି 'ଟେରାସିନ' ନାମକ ରେଷ୍ଟୁରାଣ୍ଟ। ଉକ୍ତ ରେଷ୍ଟୁରାଣ୍ଟ ଏବେ ବେଶ୍ ଚର୍ଚ୍ଚାରେ। କାରଣ ଏହି ରେଷ୍ଟୁରାଣ୍ଟ ପରିଚାଳିତ ହେଉଛି ଦିବ୍ୟାଙ୍ଗଙ୍କ ଦ୍ୱାରା। ଗରିବ କୃଷକ ପରିବାରର ୧୨ ଜଣ ଦିବ୍ୟାଙ୍ଗ ଯେଉଁମାନେ କି ୨୧ ବର୍ଷ ବୟସରୁ ଊର୍ଦ୍ଧ୍ୱ ସେମାନଙ୍କୁ ଡା. ସୋନମ ସ୍ୱତନ୍ତ୍ର ତାଲିମ ଦେଇ ଏହି ରେଷ୍ଟୁରାଣ୍ଟରେ ରଖିଛନ୍ତି। ତାଙ୍କ ମତରେ ଦିବ୍ୟାଙ୍ଗଙ୍କୁ ସାଧାରଣଭାବେ ବ୍ୟବହାର କରିବା ସହ ଦୈନନ୍ଦିନ କାମରେ ସାମିଲ କରାଯିବା ଜରୁରୀ। ତେଣୁ ସେ ଏହି ରେଷ୍ଟୁରାଣ୍ଟ ଆରମ୍ଭ କରିଥିଲେ। ଏଠାକାର ମେନ୍ୟୁ ପେଜ୍‌ରେ ଖାଦ୍ୟର ନାମ ପାର୍ଶ୍ୱରେ ସାଇନ୍ ଲାଙ୍ଗୁଏଜ୍ ପ୍ରିଣ୍ଟ ହୋଇଥାଏ। ଯଦ୍ୱାରା ଗ୍ରାହକମାନେ ଏଠାକାର କର୍ମଚାରୀଙ୍କ ସହ ସହଜରେ ଭାବର ଆଦାନ ପ୍ରଦାନ କରିପାରନ୍ତି। ଏହା ବାଦ୍ ଏଠାରେ 'ଫାର୍ମ ଟୁ ଟେବୁଲ' କନସେପ୍ଟ ଅନୁସରଣ କରାଯାଏ। ଅର୍ଥାତ୍ ଏଠାକାର ଖାଦ୍ୟରେ ପ୍ରିଜରଭେଟିଭ ନ ଥାଏ। ତା'ସହ ଏହା ସମ୍ପୂର୍ଣ୍ଣ ଅର୍ଗାନିକ ମଧ୍ୟ।

**ରାଇଟର୍ସ କାଫେ:** ଏମ. ମହାଦେବନ ଥରେ ଏକ ବର୍ନ ୱାର୍ଡକୁ ଯାଇଥାନ୍ତି। ସେଠାରେ ସେ ଘରୋଇ ହିଂସା, ଏସିଡ୍ ପୀଡ଼ିତାଙ୍କୁ ଭେଟିଥିଲେ। ଆଉ ତାଙ୍କ ହୃଦୟ କାନ୍ଦି ପକାଇଥିଲା ସେମାନଙ୍କ କଷ୍ଟ ଦେଖି। ତେଣୁ ନିଷ୍ପତ୍ତି ନେଲେ ସେମାନଙ୍କୁ ସ୍ୱାବଲମ୍ବୀ କରି ଜିଇବାର ନୂଆ ରାସ୍ତା ଦେଖାଇବେ। ଆଉ ଗଢ଼ିଲେ 'ରାଇଟର୍ସ କାଫେ'। ଏମିତି ଘଟଣାର ଶିକାର ଲୋକଙ୍କୁ ସେ ନିଜ 'ୱିନର୍ସ ବେକେରୀ'ରେ ତାଲିମ ଦେଇ ଏଠାରେ ନିଯୁକ୍ତି ଦେଲେ। ଫଳରେ ଏଭଳି ହିଂସାର ଶିକାର ମଣିଷମାନେ ନୂଆ ଜୀବନ ପାଇଲେ। ଉକ୍ତ ରେଷ୍ଟୁରାଣ୍ଟରେ ହଟ୍ କଫି ସହ ସ୍ୱାଦିଷ୍ଟ ଖାଦ୍ୟ ମିଳେ। ତା'ସହ ଏଠାରେ ୧୩୦୦୦ ବହି ବି ଅଛି, ଯାହା ଭିତରୁ ମନପସନ୍ଦର ବହି ବାଛି ଗ୍ରାହକମାନେ ପଢ଼ିପାରିବେ।

**ଦ ଟେଷ୍ଟ ଅଫ୍ ଡାର୍କନେସ୍:** ଦୃଷ୍ଟିବାଧିତ ଲୋକଙ୍କ ଜୀବନ ଅମା ଅନ୍ଧକାରମୟ ହୋଇଥାଏ। ତାଙ୍କର କଷ୍ଟ ଓ ସଂଘର୍ଷକୁ ବୁଝିବା ଆଦୌ ସହଜ ନୁହେଁ। ତଥାପି ତାଙ୍କର ସେଇ କଷ୍ଟକୁ କିଛିଟା ଅନୁଭବ କରିବାର ସୁଯୋଗ ମିଳେ ହାଇଦ୍ରାବାଦ, ମାଧପୁରରେ ଥିବା 'ଦ ଟେଷ୍ଟ ଅଫ୍ ଡାର୍କନେସ୍' ନାମକ ରେଷ୍ଟୁରାଣ୍ଟରେ। ଉକ୍ତ ରେଷ୍ଟୁରାଣ୍ଟର ପରିବେଶ ପୂରା ଅନ୍ଧକାରମୟ। ଆଉ ଏଠାକାର କର୍ମଚାରୀ ବି ସମସ୍ତେ ଦୃଷ୍ଟିବାଧିତ। ଏହି ରେଷ୍ଟୁରାଣ୍ଟକୁ ଗଲେ ଜଣେ ଦୃଷ୍ଟିବାଧିତ କର୍ମଚାରୀ ଆପଣଙ୍କୁ ହାତ ଧରି ଅନ୍ଧକାରମୟ ରେଷ୍ଟୁରାଣ୍ଟ ଭିତରକୁ ବାଟ କଢ଼ାଇ ନେବେ। ଚେୟାରରେ ବସାଇବେ। ଏହାପରେ ସ୍ୱାଦିଷ୍ଟ ଖାଦ୍ୟ ପରଷାଯିବ। ଅନ୍ଧାର ଭିତରେ କ'ଣ ପରଷା ଯାଇଛି ତାକୁ ଅନୁମାନ କରିବାକୁ ହେବ। ଆଉ ସେଇ ଅନ୍ଧାରରେ ହିଁ ଖାଇବାକୁ ପଡ଼ିବ। କିଛି ସମୟ ପାଇଁ ଜଣେ ଦୃଷ୍ଟିବାଧିତର ଜୀବନ ଜିଇ ତାଙ୍କ କଷ୍ଟକୁ ଅନୁଭବ କରିବାର ପ୍ରୟାସ କରିଛି ଏହି ରେଷ୍ଟୁରାଣ୍ଟ। ତା'ସହ ଦୃଷ୍ଟିବାଧିତଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରୋଜଗାର ବି ଦେଇଛି। ତେଣୁ ଅନେକେ ପ୍ରଶଂସା କରୁଛନ୍ତି ରେଷ୍ଟୁରାଣ୍ଟର ଏହି ଅଭିନବ ପ୍ରୟାସକୁ।

**ଦ ଟ୍ରାନ୍ସ କାଫେ:** ମୁମ୍ବାଇ, ଅନ୍ଧେରୀ ୱେଷ୍ଟର ଏହି କାଫେ ସମ୍ପୂର୍ଣ୍ଣଭାବେ ଟ୍ରାନ୍ସଜେଣ୍ଡର କମ୍ୟୁନିଟି ବା କିନ୍ନର ସମ୍ପ୍ରଦାୟଙ୍କ ଦ୍ୱାରା ପରିଚାଳିତ। ଉକ୍ତ କାଫେର ପ୍ରତିଷ୍ଠାତା ଜେନାବ ପଟେଲ କହନ୍ତି, 'ଏହି କାଫେର ମୂଳ ଉଦ୍ଦେଶ୍ୟ ହେଉଛି କିନ୍ନରମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେଇ ସେମାନଙ୍କୁ ଦେହଜୀବୀ ହେବାରୁ ନିବୃତ୍ତ କରି ସମ୍ମାନ ଓ ସ୍ୱାଭିମାନର ସହ ସମାଜରେ ବଞ୍ଚିବାର ପନ୍ଥା ଦେବା।' ମୁମ୍ବାଇ ବାହାରୁ ଆସୁଥିବା କିନ୍ନରଙ୍କୁ ଏଠାରେ ରହିବା ସୁବିଧା ସହ ମାଗଣା ଖାଦ୍ୟ, ବୀମା ଓ ଭଲ ଦରମା ଦିଆଯାଏ। ଏଠାରେ ନିଯୁକ୍ତ କିନ୍ନରମାନେ ତ ନିଜର ଭଲ ବ୍ୟବହାର, ହସ ହସ ଚେହେରାରେ ଗ୍ରାହକଙ୍କ ମନ ମୋହିଥାନ୍ତି। ତା'ସହ ଏହି କାଫେର କଫି ଓ ଖାଦ୍ୟ ବି ବହୁତ ସ୍ୱାଦିଷ୍ଟ।

ସମାଜରେ ଅବହେଳିତ ଦିବ୍ୟାଙ୍ଗ, କିନ୍ନର, ଏସିଡ ଆଟାକ୍ ମଣିଷଙ୍କୁ ଜିଇଁବାର ନୂଆ ରାହା ଦେଖାଇବାର ଯେଉଁ ପ୍ରୟାସ ଏହିସବୁ କାଫେ ଓ ରେଷ୍ଟୁରାଣ୍ଟ ଗୁଡ଼ିକ କରୁଛି ତାହା ସତରେ ପ୍ରଶଂସନୀୟ। ଏହିଭଳି ପଦକ୍ଷେପ ଆହୁରି ଅଧିକରୁ ଅଧିକ ନିଆଗଲେ ହୁଏତ ଆଉ କେହି ଘର କୋଣରେ ଗୁମୁରି ଗୁମୁରି କାନ୍ଦିବେନି।

—ଶିବାନୀ ମହାନ୍ତି






# ଫ୍ୟାଶନେବଲ୍ ସ୍ୱେଟର୍





**ଶୀତ ଆସିଲେ ସ୍ୱେଟର୍‌ର ଚାହିଦା ବଢିଯାଏ। ଯେଉଁଥିପାଇଁ ପ୍ରତିବର୍ଷ ନୂଆନୂଆ ଡିଜାଇନ୍‌ର ସ୍ୱେଟର୍ ମାର୍କେଟ୍‌କୁ ଆସେ। ତେବେ କେଉଁ ଟାଇପ୍‌ର ସ୍ୱେଟର୍‌କୁ କିଭଳି କ୍ୟାରି କଲେ ଶୀତରେ ବି ଫ୍ୟାଶନେବଲ୍ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ..**

✲ **କାର୍ଡିଗନ୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍ ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଏହାର ମଧ୍ୟ ଅନେକ ଭେରାଇଟି ଦେଖିବାକୁ ମିଳେ। ତେବେ ଲଙ୍ଗ୍ ସ୍ଲିଭ୍ ବାଲା କାର୍ଡିଗନ୍, ଯାହାର ସାମ୍ନାପଟେ ବଟନ୍ ଲାଗିଥାଏ ; ତାହାକୁ ଯେ କୌଣସି ସିମ୍ପଲ ଆଉଟ୍‌ଫିଟ୍ ଉପରେ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇହେବ। ଏବେ ମାର୍କେଟ୍‌ରେ ବିନା ବଟନ୍‌ବାଲା କାର୍ଡିଗନ୍ ତଥା ଓପନ୍ କାର୍ଡିଗନ୍ ଯାହାକୁ ଓପନ୍ ସ୍ୱେଟର୍ ବୋଲି ବି କୁହାଯାଏ, ତାହାର ମଧ୍ୟ ଅନେକ ଭେରାଇଟି ଆସୁଥିବା ଦେଖିବାକୁ ମିଳୁଛି।

✲ **ପୁଲ୍ ଓଭର୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍‌ରେ ଆଦୌ ବଟନ୍ ଲାଗି ନଥାଏ ଏବଂ ଏହାକୁ ମୁଣ୍ଡ ଗଳେଇକି ହିଁ ପିନ୍ଧିବାକୁ ହୁଏ। ଦେଖିବାକୁ କ୍ଲାସି ଲାଗୁଥିବା ଏହି ଟାଇପ୍‌ର ସ୍ୱେଟର୍‌କୁ ମୁଖ୍ୟତଃ ଜିନ୍ସ ଓ ଟପ୍ସ ଉପରେ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

✲ **ଭି–ନେକ୍ ସ୍ୱେଟର୍:** କାଜୁଆଲ୍ ଲୁକ୍ ପାଇଁ ଏହି ଟାଇପ୍‌ର ସ୍ୱେଟର୍ ପରଫେକ୍ଟ ହୋଇଥାଏ। ମୁଖ୍ୟତଃ ଫର୍ମାଲ୍ ଶାର୍ଟ ଓ ପ୍ୟାଣ୍ଟ ସାଙ୍ଗକୁ ଏହି ସ୍ୱେଟର୍ ପିନ୍ଧି ତାହାକୁ ଇନ୍ କଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

✲ **ଟ୍ୟୁନିକ୍ ସ୍ୱେଟର୍:** ମହିଳାମାନେ ଏହି ଟାଇପ୍‌ର ସ୍ୱେଟର୍‌କୁ ଲଙ୍ଗ୍ ଶାର୍ଟ ପରିକା ପିନ୍ଧିବାକୁ ବେଶ୍ ପସନ୍ଦ କରିଥାନ୍ତି। ବିଶେଷକରି ଏହାର କଲାର୍, ହାତ ଏବଂ ଅଣ୍ଟାର ବର୍ଡରରେ ହୋଇଥିବା କୁଞ୍ଚୁକୁଞ୍ଚିଆ ଡିଜାଇନ୍ ଅନ୍ୟ ସ୍ୱେଟର୍ ଠାରୁ ଏହାକୁ ଟିକେ ଭିନ୍ନ ଲୁକ୍ ଦେଇଥାଏ।

✲ **ଟର୍ଟଲନେକ୍ ସ୍ୱେଟର୍:** ଯେଉଁ ସ୍ୱେଟର୍‌ର କଲାର୍ ଟିକେ ଉଚ୍ଚା ଭାବେ ଫୁଲିକି ଫୋଲ୍ଡ ହୋଇକି ରହିଥାଏ, ତାହାକୁ ଟର୍ଟଲନେକ୍ ସ୍ୱେଟର୍ କୁହାଯାଏ। ଏହି ସ୍ୱେଟର୍ ଯୋଗୁ ବେକ ପୂରାପୂରି କଭର୍ ହୋଇକି ରୁହେ। ମୁଖ୍ୟତଃ ଜିନ୍ସ ପ୍ୟାଣ୍ଟ ସହ ଏହାକୁ ପିନ୍ଧିଲେ କ୍ଲାସି ଲୁକ୍ ମିଳିଥାଏ।

✲ **ସ୍ୱେଟର ଭେଷ୍ଟ:** ଏହି ସ୍ୱେଟର ମୁଖ୍ୟତଃ ହାତ କଟା ଡିଜାଇନର୍ ହୋଇଥାଏ। କିନ୍ତୁ ଦେଖିବାକୁ ଭାରି ସୁନ୍ଦର ଲାଗେ। ଖାସ୍ କରି ଜିନ୍ସ ପ୍ୟାଣ୍ଟ କିମ୍ବା ସ୍କର୍ଟ୍ ସହ ଏହି ଟାଇପ୍‌ର୍ ସ୍ୱେଟର ପିନ୍ଧିଲେ ଲୁକ ବେଶ୍ ଆକର୍ଷଣୀୟ ଦେଖାଯାଏ। ସବୁଠୁ ବଡ଼ କଥା ହେଉଛି, ଏହି ଟାଇପ୍‌ର ସ୍ୱେଟରକୁ ଉଭୟ ପୁରୁଷ ଓ ମହିଳା ବେଶ୍ ଆରାମରେ କ୍ୟାରି କରିପାରିବେ।

✲ **ବୟଫ୍ରେଣ୍ଡ ସ୍ୱେଟରः** ବୟଫ୍ରେଣ୍ଡ ଜିନ୍ସ ପରି ବୟଫ୍ରେଣ୍ଡ ସ୍ୱେଟରର ବି ବେଶ୍ ଭଲ ଚାହିଦା ରହିଥାଏ। ଏହି ଟାଇପର୍ ସ୍ୱେଟର ଦେଖିବାକୁ ଟ୍ରେଣ୍ଡି ବି ଲାଗେ। ମୁଖ୍ୟତଃ ସାଙ୍ଗମାନଙ୍କ ସହ ଆଉଟିଂରେ ଯିବାବେଳେ ଏହି ଟାଇପ୍‌ର ସ୍ୱେଟର ପିନ୍ଧିଲେ ବେଶ୍ କମ୍ଫଟେବଲ୍ ଲାଗିଥାଏ।

✲ **କ୍ୱାଟର୍ ଜିପ୍ ସ୍ୱେଟର୍:** ଏହି ଟାଇପ୍‌ର ସ୍ୱେଟର୍ ଦେଖିବାକୁ ପ୍ରାୟତଃ ଭି–ନେକ୍ ସ୍ୱେଟର୍ ଭଳି ହୋଇଥାଏ ; କିନ୍ତୁ ଏଥିରେ ସାମ୍ନାପଟେ ଜିପ୍ ଲାଗିଥାଏ। ଅନ୍ୟ ସ୍ୱେଟର୍ ତୁଳନାରେ ଏହା ପିନ୍ଧିବାକୁ ଟିକେ ମୋଟା ଲାଗେ, ଯଦ୍ୱାରା ଟିକେ ଅଧିକ ସମୟ ପିନ୍ଧିଲେ ଏହା ଶରୀରକୁ ଗରମ ଲାଗିଥାଏ। ଅଫିସିଆଲ୍ ଲୁକ୍ ପାଇଁ ଏହି ଟାଇପ୍‌ର ସ୍ୱେଟର୍ ପରଫେକ୍ଟ ହୋଇଥାଏ।











# ଶିକ୍ଷା ପାଇଁ ଚିନ୍ତା








ପରିଣତ ବୟସରେ ସେ ମନେପକାଉଛନ୍ତି ଗାଁରେ ଗଢିଥିବା ତାଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନକୁ। ତା'ର ଅତୀତ ଓ ଭବିଷ୍ୟତକୁ। ଗାଁର ବିକାଶ ପାଇଁ ବିଭିନ୍ନ ସମୟରେ ଜନସେବା କାର୍ଯ୍ୟରେ ସାମିଲ ହୁଅନ୍ତି। ମାତୃଭୂମି ଓ ଗ୍ରାମ୍ୟସଂସ୍କୃତିକୁ ନେଇ ଗର୍ବ ଅନୁଭବ କରନ୍ତି। ଏକାଧାରରେ ସେ ଜଣେ ଶିକ୍ଷାବିତ୍, କବି, ସମାଜସେବୀ ଏବଂ ଏକାଧିକ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ସଂସ୍ଥାରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ଏଥିପାଇଁ ପାଞ୍ଚଗଡ଼ ଅଞ୍ଚଳରେ ତାଙ୍କର ରହିଛି ଏକ ଭିନ୍ନ ପରିଚୟ। ସେ ହେଲେ **କାଳିଚରଣ ଜୟସିଂହ**। ଜନ୍ମ ୧୬।୧୧।୧୯୪୨ ମସିହା କାର୍ତ୍ତିକମାସ ଅଁଳାନବମୀରେ। ପିତା ଅନ୍ତର୍ଯାମୀ ଜୟସିଂହ ଜଣେ ଆଜାଦ୍ ହିନ୍ଦ୍ ଫୌଜର ସୈନିକ। ମାତା ଶିଶୁଳା ଦେଈ ଥିଲେ ଗୃହିଣୀ। ଘର ଖୋର୍ଦ୍ଧା ଜିଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇଗଡ଼ର ବାରବାଟୀ ଗ୍ରାମରେ।

ସେ କୁହନ୍ତି, 'ମୋର ଜନ୍ମ ଏକ ମଧ୍ୟବିତ୍ତ କୃଷକ ପରିବାରରେ। ମୋ ବାପା ଥିଲେ ଜଣେ ଦରଦୀ ମଣିଷ, ସ୍ୱାଧୀନତା ସଂଗ୍ରାମୀ । ୩ ଭଉଣୀ ଓ ତିନି ଭାଇଙ୍କ ମଧ୍ୟରେ ମୁଁ କନିଷ୍ଠ। ପିଲାଦିନେ ବାପା ବୋଉ ମୋର ରୋଗମୁକ୍ତି ପାଇଁ ଶ୍ରୀ ତାରକେଶ୍ୱର ମହାଦେବଙ୍କଠାରେ ମାନସିକ କରିଥିଲେ। ଠାକୁରଙ୍କ କୃପାରୁ ରୋଗରୁ ଭଲ ହୋଇଥିବାରୁ ମୋତେ କାଳିଚରଣ ବୋଲି ଡାକିଲେ। ସ୍କୁଲ ବୟସରୁ ଅନଙ୍ଗ ନରେନ୍ଦ୍ରଙ୍କ ଶ୍ରୀରାମ ଲୀଳାକୁ ଶ୍ରବଣ କରିବା ଓ ନାଟ ଦେଖିବାକୁ ଖୁବ୍ ଭଲ ପାଉଥିଲି। ପଦ୍ମଶ୍ରୀ କବି ଡ. ସଚ୍ଚି ରାଉତରାୟଙ୍କ କବିତା 'ଛୋଟ ମୋର ଗାଁଟି' ଥିଲା ମୋର ଖୁବ୍ ପ୍ରିୟ। ସେତେବେଳେ ଗାଁର ଆମ୍ବତୋଟା, ଜଙ୍ଗଲ, ଝରଣା, ପାହାଡ଼, ଗାଈଗୋଠ, ଫସଲକଟାବେଳର ଗୀତ, ବାଗୁଡ଼ି ଖେଳରେ କଟିଛି ମୋ ପିଲାବେଳ। ସେକଥା ମନେପଡ଼ିଲେ ଅଜାଣତରେ ଆଖିକୋଣରୁ ଲୁହ ଝରିଆସେ। ମୋର ପ୍ରାଥମିକ ଶିକ୍ଷା ଥିଲା ଗାଁ ଚାଟଶାଳୀ। ପରେ ଶଙ୍କରପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୩ୟ ଯାଏ ଏବଂ ବାଙ୍କୋଇ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ପାସ୍‌କରି ବେଗୁନିଆର ଗୋପବନ୍ଧୁ ମାଧ୍ୟମିକ ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢିଥିଲି। ଏହା ପରେ ପ୍ରାଣନାଥ କଲେଜରେ ରାଜନୀତି ବିଜ୍ଞାନରେ ଅନର୍ସ ରଖି ପାସ୍ କରିଥିଲି। ବ୍ରହ୍ମପୁର ବିଏଡ ମହାବିଦ୍ୟାଳୟରେ ବିଏଡ କରିଥିଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲି। ତେବେ ବାପାଙ୍କର ପରୋପକାର, ଜନସେବା ଓ ଦେଶପ୍ରୀତି କଥା ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ମୋତେ ପ୍ରେରଣା ଦେଉଥିଲା। ଫଳରେ ଏଫ୍‌ସିଆଇରେ ଚାକିରି ନକରି ଗାଁ ପାଇଁ କିଛି ଭଲକାମ କରିବି ବୋଲି ଚିନ୍ତାକରିଲି। ପ୍ରଥମେ ଆମ ଅଞ୍ଚଳରେ କିପରି ଶିକ୍ଷାର ବିକାଶ ହୋଇପାରିବ, ସେଥିପାଇଁ ଯୋଜନାକରି ଗାଁରେ ଏକ ଉଚ୍ଚବିଦ୍ୟାଳୟଟିଏ ନିର୍ମାଣ ପାଇଁ ପ୍ରୟାସ କରିଥିଲି। ସମୟକ୍ରମେ ୧୯୭୧ମସିହାରେ ବାଙ୍କୋଇଠାରେ ଏକ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା। ଏଥିଯୋଗୁ ମୁଁ ମୋ ବୃତ୍ତିଗତ ଜୀବନ ଶିକ୍ଷକତାକୁ ହିଁ ବାଛିଥିଲି। ଏହି ଶିକ୍ଷାନୁଷ୍ଠାନ ପାଇଁ ସେତେବେଳେ ପୁରୀ ସର୍କଲ ଇନ୍ସପେକ୍ଟର ଦୈତାରି ଦାସ, ପୂର୍ବତନ ବିଧାୟକ ସ୍ୱର୍ଗତ ସଦାନନ୍ଦ ଚମ୍ପତିରାୟ, ସାଂସଦ ଚିନ୍ତାମଣି ପାଣିଗ୍ରାହୀଙ୍କ ସମେତ ଆମ ପାଞ୍ଚଗଡ଼ ଅଞ୍ଚଳର ଗାଁଲୋକମାନେ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିଲେ। ଗାଁ ପୋଖରୀରୁ ମାଛ ନିଲାମକରି ଶିକ୍ଷାନୁଷ୍ଠାନର ଉନ୍ନତି କରାଯାଇଥିଲା। ସେତେବେଳେ ମୋ ସ୍ତ୍ରୀର ସୁନା ଗହଣା ବିକ୍ରି କରି ସ୍କୁଲ ନିର୍ମାଣ ଓ ପରିଚାଳନା କାର୍ଯ୍ୟ ତୁଲାଇଥିଲି। ଏହାବାଦ ବାଙ୍କୋଇ ଉଚ୍ଚବିଦ୍ୟାଳୟ, ପାଞ୍ଚଗଡ଼ କବି ଅନଙ୍ଗ ନରେନ୍ଦ୍ର ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ପାଞ୍ଚଗଡ଼ କବି ଅନଙ୍ଗ ନରେନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟ, ହାଟବସ୍ତ, କାଳିଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ, କାଳିଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ, କୁମୁଦିନୀ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ବାଳିକା ଉଚ୍ଚବିଦ୍ୟାଳୟ, ଗଡ଼ବାଣିକିଲୋ କନିଷ୍ଠ ବିଦ୍ୟାଳୟର ଅନ୍ୟତମ ପ୍ରମୁଖ ପ୍ରତିଷ୍ଠାତା ଭାବେ କାର୍ଯ୍ୟତୁଲାଇଛି। ଏଥିପାଇଁ ଅନେକ ସମସ୍ୟା ଆସିଥିଲା। ମାତ୍ର ସେଥିପ୍ରତି ମୋର ଖାତିର ନ ଥିଲା। ଲକ୍ଷ୍ୟଥିଲା ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା। ୧୯୭୧ରୁ ୨୦୦୯ ଯାଏ ଶିକ୍ଷକତା ଜୀବନରେ ଅନେକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଛି।

ମୋ ମତରେ କେବଳ ଶିକ୍ଷକ ଭାବେ ପିଲାଙ୍କୁ ପାଠପଢ଼େଇଲେ ହେବନି ବରଂ ପଢ଼ିବାକୁ ହେବ, ଶିଖିବାକୁ ହେବ। ସରକାରୀ ଭାବେ ଶିକ୍ଷକତା କାର୍ଯ୍ୟରୁ ଅବସର ନେଇସାରଛି। ହେଲେ ପାଞ୍ଚଗଡ଼ ଅଞ୍ଚଳରେ ଶିକ୍ଷା, ସାହିତ୍ୟ, ସଂସ୍କୃତିର ସମୃଦ୍ଧି ପାଇଁ ସବୁବେଳେ ସହଯୋଗର ହାତ ବଢାଇଛି । 'ପାଞ୍ଚଗଡ଼ ସ୍ମୃତି' ନାମକ ଏକ ପୁସ୍ତକ ରଚନା କରିଛି। ମତେ ଲେଖାଲେଖି ପାଇଁ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ଏବଂ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ମୋତେ ସବୁବେଳେ ଉତ୍ସାହିତ କରିଥାନ୍ତି। ଶିକ୍ଷାର ଅଗ୍ରଗତିରେ ମୋ ଭୂମିକା ପାଇଁ ମତେ ରାଜ୍ୟସ୍ତରୀୟ ଆଦର୍ଶ ଶିକ୍ଷକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ସମ୍ମାନ, ପାଞ୍ଚଗଡ଼ ବରପୁତ୍ର ସମ୍ମାନ, ପାଞ୍ଚଗଡ଼ ରତ୍ନ, ଚିନ୍ତାମଣି ପାଣିଗ୍ରାହୀ ସ୍ମୃତି ସମ୍ମାନ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, କଟକ, ରଘୁନାଥ ଦେବତା ସ୍ମୃତି ସଂସଦ, ବାଙ୍କୀ, ଶ୍ରୀଗୁରୁକୁଳ ଏଜୁକେଶନାଲ ଟ୍ରଷ୍ଟ ଏବଂ ଖୋର୍ଦ୍ଧା ମହୋତ୍ସବ ସମେତ ଶତାଧିକ ସଂସ୍ଥାରୁ ସମ୍ମାନିତ ଓ ପୁରସ୍କୃତ ହୋଇଛି। ଏହା କେବଳ ସେମାନଙ୍କର ମୋ ପାଇଁ ଭଲପାଇବାର ଏକ ପରିଚୟ।

ମୋ ପାଇଁ ସବୁଠୁ ବଡ଼ ଆତ୍ମସନ୍ତୋଷ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା। ପରିଣତ ବୟସରେ ଏବେ ମୁଁ ସ୍ତ୍ରୀ କୁମୁଦିନୀ, ଦୁଇପୁଅ ବୋହୂ ଓ ନାତିନାତୁଣୀଙ୍କ ସହିତ ରହୁଛି । ଶେଷରେ ଏତିକି କହିବି ଯେଉଁମାନେ ଦିନେ ଗାଁର ପାଣିପବନରେ ବଡ଼ହୋଇ ମଣିଷ ହୋଇଛନ୍ତି ସେମାନେ ଯେତେଦୂରରେ ଥିଲେ ମଧ୍ୟ ନିଜ ମାଆ, ମାଟିର ସେବାରେ ସହଭାଗିତା ପାଇଁ କିଛି ସୁକାର୍ଯ୍ୟ କରିବାକୁ ଯେପରି ଭୁଲି ନ ଯାନ୍ତି। **-ବନବିହାରୀ ବେହେରା**





# ରଂଗ ବିଭବ

**–ସତ୍ୟବତୀ ସ୍ୱାଇଁ**

**କ**ଳା ମିଚି ମିଚି ଦେହ ; ସେଥିରେ ନାଁ କ'ଣ ନା ମେଘା ! ମେଘନା ଦାଶ । ଚୋପା ନା ! ଭାରି ରାଗ ହୁଏ ନିଜକୁ ଦର୍ପଣରେ ଦେଖିଲେ । ମୋ ସବୁ ଭାଇ ଭଉଣୀ ବଗ, ମୁଁ କେବଳ କୋଇଲି ! ଅଜା ଆଈ କହୁଥିଲେ, କାଳୀ ମାତା, କାଳି ବିଲେଇ । ମାଆକୁ କହୁଥିଲେ, ଏତେ କଳା ନେସି ହୋଇ ଆସିଛି ତୋ ଝିଅ ? ହଇଲୋ ଝିଅ, କିଏ ତୋ ଏ କାଳି ମୁଣ୍ଡି ତମ୍ପ ସାପଟିକୁ ନେବ ? ଗୋଟେଇ ଆଣିଛୁ କହ କେଉଁଠାରୁ ? ଅନ୍ୟ ଭାଇ ଓ ଭଉଣୀ ସହଜେ ମୋତେ ସାଙ୍ଗରେ କେଉଁଠିକୁ ନେଉ ନ ଥିଲେ । ମୋ ପରି କାଳିଟାକୁ ସାଙ୍ଗରେ ନେଇ ଅପଦସ୍ତ ହେବାକୁ ସେମାନେ ଚାହୁଁନଥିଲେ ।

ଏମିତି ହେବା ମୋ ହାତରେ ଥିଲା କି ? ମୁଁ କ'ଣ ନିଜେ ନିଜକୁ ରାତି କରିଛି ? ଖୁବ୍ ଅସହଜ ହେଉଥିଲି କାଉ, କାଳି, ଅନ୍ଧାର , ରାତି ଓ କଳା ମୁଗୁନି ପଥର ଶବ୍ଦମାନଙ୍କ ଭିତରେ । ମୋ ପିଲା ମନ କ୍ଷତାକ୍ତ ହେଉଥିଲା ଏପରି କଳା ଶବ୍ଦମାନଙ୍କ ଶର ନିକ୍ଷେପରେ । କଣା ହୋଇ ଯାଉଥିଲା ଛାତି । ନିରବତା ଓ ନିସଙ୍ଗତାକୁ ନିଜର କଲି । ହଜିଲି ବହି ଭିତରେ । ହଜାଇଲି ଶୈଶବ ଓ ଆଦ୍ୟ କୈଶୋର ଖେଳ କୁଦ, ସଙ୍ଗୀତ ମାଧ୍ୟମରେ ।

ମାଆ କିନ୍ତୁ ମୋ ଦେହର ଚମ ଉତାରି ନୂଆ ଚମ କରିବା ପାଇଁ କେତେ କ'ଣ ଘଷୁଥିଲା । ଡ଼ାକ୍ତରଙ୍କ ସହ ପରାମର୍ଶ କରି କ'ଣ କ'ଣ ଖୁଆଉଥିଲା ଓ ମାଲିସ କରୁଥିଲା କେତେ ପ୍ରକାର ତେଲ । କଳା ମୁଗୁନି ପଥର କ'ଣ ମାର୍ବଲ ହୁଅନ୍ତା ! ବରଂ ଆହୁରି ଖରାପ ହେଲା ମୋ ଦେହରେ ରିଆକ୍ସନ ହୋଇ । ଘାଆ ହୋଇଗଲା ଦେହ ସାରା । ଏମିତିରେ ଚିକ୍କଣ କଳା ମୁଗୁନି ପଥରେ ଦେହରେ ଛାପି ଛାପିକା ଚିହ୍ନ ଆହୁରି କଦର୍ଯ୍ୟ ଦିଶିଲା । ଏ ଦଶାରୁ ସେ ଦଶା ବଳି ପଡିଲା ।

ଶୈଶବ ମୋର ଏମିତି ଚମକୁ ସୁନ୍ଦରିଆ କରିବା ଚେଷ୍ଟାରେ କଟିଗଲା ଘାଆ ବାଲୁସାଲୁ ହୋଇ । ମାଆ ମୁହଁ କରୁଣ ଓ ନନାଙ୍କ ମୁହଁ ରୁକ୍ଷ ଦିଶିଲା । ସଙ୍ଗୀତ କିନ୍ତୁ ମୋ ଦେହର ଘାଆକୁ ଲୁଚେଇ ଦେଉଥିଲା ତା' ଚିକିମିକି ଯାଦୁ ଉତ୍ତରୀ ଘୋଡେଇ । କୋଇଲି ପରି ଦେହକୁ ସେମିତି କାଳେ ମୋ ସ୍ୱର !

କୈଶୋର ଚାଦର ଘୋଡ଼ି ହୋଇ ଯେତେ ବେଳେ ଏ କୋଇଲି ଭଲ ମିଠା ମିଠା ଗୀତ ବୋଲିଲା ଓ ଖେଳକୁଦରେ ଚମ୍ପିୟାନ ହେଲା ତ ଏଇ କାଉ କୋଇଲିଟାର ଗୋଟେ ଭବିଷ୍ୟତ ଅଛି ବୋଲି କେହି କେହି ଗଣନା କଲେ । ହେଲେ ସବୁ ଖୁସି ମୋର ପାଣି ଫୋଟକା ହୋଇ ଫାଟି ଯାଆନ୍ତି ମୋ ଦେହର ରଙ୍ଗ ପାଖରେ ।

ଯୌବନର ଖୋଳପା ଭିତରେ ପଶିଲି । ହୃଦୟଟା ଭାବିଲା ନାହିଁ ଯେ ସେ କୋଇଲି କି ମୁଗୁନି ପଥର ବୋଲି । ପ୍ରେମ କରି ବସିଲି ବର୍ଷେ ସିନିଅର ବିଶ୍ୱମୋହନକୁ (ବିଶୁ) । ପ୍ରେମ କ'ଣ ଚମର ରଙ୍ଗ କଥା ବୁଝେ ! ବୟସ ହେଲେ ସେ ଆସିଯାଏ ଆପେ । ସ୍କୁଲର ଯେ କୌଣସି ପ୍ରତିଯୋଗିତା ସହ ସିଜନ କ୍ୟାମ୍ପ ହେଉ କି ଇଣ୍ଟର ସ୍କୁଲ ପ୍ରତିଯୋଗିତା ମୁଁ ପ୍ରଥମ ହେଉଥିଲେ ବିଶ୍ୱମୋହନ ତ୍ରିବେଦୀ ଦ୍ୱିତୀୟ ହୁଏ । ସେହି କାରଣରୁ ତା'ର ଆକର୍ଷଣ ଓ ପ୍ରେମ ।

ଲାଗିଲା ବିଶୁ ଶ୍ରେଷ୍ଠ କାରିଗର ହୋଇ ମୋ ପରି ଏକ ମୁଗୁନି ପଥରକୁ ନେଇ ମୂର୍ତ୍ତୀଟିଏ ଗଢି ଥାପିବ ଅନ୍ୟ ଏକ କୋଣାର୍କରେ । ବାସ୍ତବରେ ସେ ଜଳୁଥିଲା ମୋ ଉପରେ ଭିତରେ ସବୁଥିରେ ପ୍ରଥମ ହୋଇ ଚମ୍ପିୟାନ ଟ୍ରଫି ହାତଉଛି ବୋଲି । ଷଡଯନ୍ତ୍ର କରୁଥିଲା ପ୍ରେମିକା ସଜେଇ ମୋ ଦୃଢ଼ ଇଛାଶକ୍ତିକୁ ମିଛ ପ୍ରେମ ଜାଲରେ ଛନ୍ଦି ଦୁର୍ବଳ କରିବାକୁ ।

ବିଶୁ କହୁଥିଲା, ମେଘା ତୋ ପ୍ରତିଭାରେ ଯେ କେହି ବି ତୋ ପ୍ରେମରେ ପଡିପାରେ । ମୋ କଳ୍ପନାରେ ଡେଣା ଲାଗିଯାଏ ତା ପ୍ରେମକୁ ନେଇ । ହେଲେ ଆମ ଶ୍ରେଣୀର ସବୁଠୁଁ ସୁନ୍ଦରୀ ଝିଅ ପ୍ରାଚୀ ସହ ଝାଉଁ ବଣରେ ସ୍ୱପ୍ନ ଦେଖୁଥିଲା ଏକାତ୍ମ୍ ହୋଇ ବୋଲି ପଛରେ ଜାଣିଲି । ଦ୍ୱିତୀୟ ହେବାରେ ତାର ପୁରୁଷ ଅହଂ ଆହତ ହେଉଥିଲା ବୋଲି ମୋ ସହ ଗୋଟେ ଖେଳ ହିଁ ଚଳେଇଥିଲା ସେ । ଏକାଦଶ ବର୍ଷ ବିଶୁ ଚମ୍ପିୟାନ ହେଲା ଆଉ ହସି ହସି କହିଲା, ତୋ ପରି କୋଇଲି ସହ ପ୍ରେମ ? କିଏ କରିପାରିବ ? ଏଇ ଟ୍ରଫି ଦେଉ ନଥିଲୁ ନା ମୋତେ ? ଟ୍ରଫି ଏବେ ମୋର । ସ୍ୱାଭିମାନ ଓ ଅଭିମାନ ଗିରିରୁ ଛାତି ଫଟା ଲୁହର ଲାଭା ଉଦ୍ଗିରଣ ହେଲା । ଠକି ଗଲି ତେବେ ? ଠିକ୍ ଅଛି ଠିକି ନ ଥିଲେ ଶିଖିଥାନ୍ତି କିପରି ? ସାମାନ୍ୟ ହସି କହିଲି , ତୁମେ ନୁହଁ ବିଶୁ ମୁଁ ହିଁ ମୋ ପ୍ରେମର ଆନନ୍ଦ ପାଇଁ ଏତିକି ତ୍ୟାଗ କରିଛି । ଆଉ ଏଇ ଦ୍ୱାଦଶ ବର୍ଷଟି ତୁମ ହାତରେ ଅଛି ତ ଦେଖାଇ ଦିଅ ତୁମେ କେତେ ସମର୍ଥ୍ୟ ?

ମୂର୍ତ୍ତି ନୁହେଁ କି କାହା ଘର ଆଗ ପାହାଚରେ ପଡିବା ଓ ପାଦ ଘଷା ହେବା ମୋ ଜନ୍ମ ନୁହେଁ ବୋଲି ବୁଝାଇ ନେଲି ନିଜକୁ । ପରିଶ୍ରମ କଲି । ଇଣ୍ଟରଷ୍ଟେଟ ଆଉଟଡୋର ଗେମ୍ ପ୍ରତିଯୋଗିତାରେ ମୋତେ ଦୁଇଟି ସ୍ୱର୍ଣ୍ଣ ପଦକ ମିଳିଲା । ଅନେକ ବିଶୁଙ୍କ ବନ୍ଧୁତାର ହାତ ଲମ୍ବି ଆସିଲା । ମନକୁ ମନ ହସିଲି । ପ୍ରେମ ପାଇଁ କି ବିଭତ୍ସ ଖେଳ ! ପ୍ରେମ କ'ଣ ହାସଲ କରିବାର ବସ୍ତୁ ନା ପଦକ ହୋଇଛି ? ବିଶୁର ସ୍କୁଲ ଛାଡିବା ଶେଷବର୍ଷରେ ଅତି ଦୟନୀୟ ଅବସ୍ଥାରେ ପଡ଼ିଲା । ପ୍ରାଚୀ ତା ସହ ଖେଳି ଶେଷରେ ସୂର୍ଯ୍ୟକୁ ନିଜ ପ୍ରେମିକ ଘୋଷଣା କଲା । ବିଚରା ବିଶ୍ୱମୋହନ ପ୍ରାଚୀର ବି ମୋହନ ହୋଇ ନ ପାରିବା ଦୁଃଖରେ ନିଶା ଖାଇ ନିଜକୁ ବର୍ବାଦ ରାସ୍ତାର ବାଟୋଇ କଲା । ବହୁତ ଦୁଃଖ ହେଲା ମୋତେ । ପ୍ରେମିକ ଥିଲା ଯେ ମୋର !

ତାପରେ କିଏ କୁଆଡେ ଗଲେ କଣ କଲେ କେହି କାହାର ହିସାବ ରଖିଲେ ନାହିଁ । ମୁଁ କିନ୍ତୁ ମୂର୍ତ୍ତି ହୋଇ କେଉଁ ମନ୍ଦିର କାନ୍ଥରେ ଆଉ ଥାପି ହେବାକୁ ମନ ବଳେଇଲି ନାହିଁ । ମୁଗୁନି ପଥର କି କୋଇଲି ହୋଇ ସନ୍ତୁଷ୍ଟ ହେବା ଚେଷ୍ଟାରେ ସ୍ପୋର୍ଟସ କଲେଜରେ ନାମ ଲେଖାଇ ଉଡାଣ ଭରିଲି ଖୁବ୍ ଉଚ୍ଚକୁ । ଏବେ ମୁଁ ଆନ୍ତର୍ଜାତିକ ସ୍ତରର ଜଣେ ଚର୍ଚ୍ଚିତ ଆଥଲେଟ୍ । ମୋ ଗୀତ ବି ଭାଇରାଲ ହୋଇ ଚର୍ଚ୍ଚାରେ ରଖୁଛି ମୋତେ । ଏବେ ମୋ ପାଖେ ପ୍ରତିଷ୍ଠା, ଅର୍ଥ ଓ ସମ୍ମାନ ଗଦା ଗଦା । ସେଲିବ୍ରିଟି ମୁଁ । କେତେ ବିଶୁ ଅନେଇଁ ବସିଛନ୍ତି ମୋତେ ଜୀବନ ସାଥୀ କରିବାକୁ । ମୁଁ କିନ୍ତୁ ସିଦ୍ଧାନ୍ତ କରି ସାରିଛି ଏକା ଏକା ଉଡାଣ ଭରି ଦେଶ ଓ ମୋ ପରି କିଛି ଲୋକଙ୍କ ଉପକାରରେ ଆସିବି ବୋଲି । ତଥାପି ହୃଦୟର କେଉଁ କୋଣେ ବିଶୁ ମନେ ପଡିଲେ ଲୁହ ଟୋପେ ହସ ଭିତରେ ଚୁପ୍ କି ମୋତେ ଚିମୁଟେ ।

ମନ୍ଦିର କାନ୍ଥର ମୂର୍ତ୍ତି ହେବାକୁ ସ୍ୱପ୍ନ ଦେଖୁଥିବା ମେଘନା ଦାଶ ନିଜେ ଏକ ମନ୍ଦିର ପାଲଟି ଯାଇଛି । ଭାବ ସମୁଦ୍ରରେ ବୁଡି ପଛକୁ ଟିକେ ଚାହିଁ ହଜୁଥିଲି । ବ୍ୟାଘାତ ଦେଇ ମୋ ପିଏ କହିଲେ, ମାମ୍ ! ସମ୍ଭବ କ୍ୟାନ୍ସର ହସ୍ପିଟାଲରେ ଆଜି ଦିନ ଦଶଟାରେ , କ୍ଲାନ୍ତ ଅପରାହ୍ନ ବୃଦ୍ଧା ଶ୍ରମରେ ଦିନ ଦୁଇଟାରେ ତଥା ଅପରାହ୍ନ ପାଞ୍ଚଟାରେ ନବ କିଶଳୟ ଅନାଥ ଆଶ୍ରମରେ ଆପଣଙ୍କ ପ୍ରୋଗ୍ରାମ ଅଛି । ପ୍ରସ୍ତୁତ ହୁଅନ୍ତୁ ମାମ୍ । ବାହାରିଯିବା ଶୀଘ୍ର ।
...ହଁ ହଁ ଏଇ ପାଞ୍ଚ ମିନିଟରେ ବାହାରୁଛି.. । ପାଦକୁ ଏବେ ଦୌଡେଇବା କଥା ଦ୍ରୁତ ଗତିରେ ।।

*–ବାଲିକୁଦା , ଜଗତସିଂହପୁର, ମୋ: ୯୯୩୮୦୭୯୦୬୪*

## ଉଜାଣି ଯାତ୍ରା

**– ଶ୍ୟାମଳି ସେନଗୁପ୍ତ**

ହେମନ୍ତ ଆସିଲେ
ନୌକା ମେଲି ଦିଏ ଉଜାଣି ସ୍ରୋତରେ
ଛୋଟ ଛୋଟ ଢେଉ ତୋଳି
ରୂପକଥା ଜମା ହୁଏ ଆହୁଲା ଦେହରେ
ଥରକୁ ଥର ପାନ କରେ
ନାଲି ନେଳୀ ମୋତି ଗୁନ୍ଥା ମାଳର ଭାବନା
ହର୍ଷ – ଉଲ୍ଲାସ ସାରି ପଶିଯାଏଁ
ଫେରି ପାଇବାକୁ ନିଟୋଳ ଏକ
ଅମୃତର ବେଳ ।

*–ଶିଲିଗୁଡି*
*ମୋ: ୯୦୬୪୩୪୫୩୪୦*

## ସଂଜ

**–ଗଜାନନ ମିଶ୍ର**

**ବି**ବିଧ ଚିନ୍ତାରେ ମନ ଦେହ ଅବଶ,
ବାଦ ବିବାଦ ଭିତରେ ସମୟ ହନ୍ତସନ୍ତ ।
ଆବଶ୍ୟକ ଯାହା ଯେତେ ମୂଲ୍ୟରହିତ
ଆଉ ସେଇଥିରେ ବାସ୍ତବିକତାକୁ ଓଲଟ ।
ଥରକୁ ଥର ଫେରି ଆସି ବୁଝିବାକୁ ହେଉଛି
କୋଉଟା କାହାର କିଏ ପର କିଏ ଆପଣାର ।
କିଛି କୋଉଠି ଲଟକାଜାରି ହୋଇ ନି,
ଆଉ ହୋଇଛି ଯୋଉଟା ତାକୁ ଇ ଆଧାର
କରି ଚାଲିଛି ଆକଶ ମପା ପବନ ଜପା ।
ଏତେସେତେରେ ନାଇଁ କିଛି, ଖାଲି ଯାହା
ଭୁଲିବାକୁ ପଡୁଛି ବଦଳି ଯାଉ ଯାଉ ପ୍ରେମର
ରଙ୍ଗ ରୂପ ଜ୍ଞାନୀ କପି ପାଖରେ ଚାପରେ ।

*–ତପୋବନ, ଟିଟିଲାଗଡ,*
*ମୋ: ୯୪୩୭୩୬୬୩୩*




କମଲ

# ଇମୋଶନାଲ କମଲ

କମଲ ହାସନ ଅଭିନୟରେ କେତେ ପରିପକ୍ୱ ତାହା କହିବା ବାହୁଲ୍ୟ। ଦକ୍ଷିଣ ଭାରତୀୟ ସିନେମା ଜଗତରେ ତାଙ୍କର ଦବଦବା ଏପର୍ଯ୍ୟନ୍ତ ରହିଛି। ନିକଟରେ ସେ ଏକ ଫିଲ୍ମର ଶୁଟିଂ ପାଇଁ ଚେନ୍ନାଇର ଏକ ଷ୍ଟୁଡିଓରେ ପହଞ୍ଚିଥିଲେ। ଏହି ଷ୍ଟୁଡିଓ ସହ ତାଙ୍କର ପୂର୍ବରୁ ସମ୍ପର୍କ ଥିଲା। ଆଉ ଦୀର୍ଘ ୨୧ ବର୍ଷ ପରେ ଏଥିରେ ତାଙ୍କର ପାଦ ପଡିଥିବାର ଜାଣିବା ପରେ ସେ ଭାବବିହ୍ୱଳ ହୋଇପଡିଥିଲେ। ଏ ନେଇ କମଲ କହନ୍ତି, 'ଯେତେବେଳେ ମୋତେ ଏକଥା ଜଣାଇ ଦିଆଗଲା ଯେ, ଏହି ଷ୍ଟୁଡିଓକୁ ମୁଁ ୨୧ ବର୍ଷ ପୂର୍ବେ ଆସିଥିଲି ଏବଂ ଏହା ସହ ମୋର ଅନେକ ସ୍ମୃତି ଜଡିତ ଅଛି ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ତେବେ ବ୍ୟସ୍ତତା ଭିତରେ ଏକଥା ମୁଁ ଭୁଲିଯାଇଥିଲି।' କମଲ ଏବେ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବ୍ୟସ୍ତ ଅଛନ୍ତି। ସେ ଅଭିନୟ କରୁଥିବା 'ଇଣ୍ଡିଆନ୍ ୨'ର ଶୁଟିଂ ଚାଲିଛି। ଅନ୍ୟପକ୍ଷରେ ତାଙ୍କୁ ନେଇ ବିଶିଷ୍ଟ ନିର୍ଦ୍ଦେଶକ ମଣିରତ୍ନମ 'ଠଗ୍ ଲାଇଫ' ଟାଇଟଲବିଶିଷ୍ଟ ଏକ ଫିଲ୍ମ ତିଆରି କରୁଛନ୍ତି। ଏହାବ୍ୟତୀତ କମଲ ଅଭିନୟ କରିଥିବା 'କଲ୍କି ୨୮୯୮ ଏଡି' ଆସନ୍ତାବର୍ଷ ଜାନୁୟାରୀ ୧୨ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ପ୍ରଭାସ, ଦୀପିକା ପାଦୁକୋନ୍, ଏବଂ ଦିଶା ପଟାନି ଦେଖିବାକୁ ମିଳିବେ।

# ରାନୀଙ୍କ ଅବସୋସ

ରାନୀ ମୁଖାର୍ଜୀ ଏବେ ଗୋଟିଏ କଥାକୁ ମନେ ପକାଇ ଅବସୋସ କରୁଛନ୍ତି। ଯଦିଓ ଆମୀର ଖାଁଙ୍କ ସହ ତାଙ୍କୁ 'ଗୁଲାମ୍'ରେ ଦେଖିବାକୁ ମିଳିଥିଲା। ଏଥିରେ ସଂଯୋଜିତ 'ଆତି କ୍ୟା ଖଣ୍ଡାଲା' ଏବଂ 'ଆଖୋଁସେ ତୁନେ ଏ କ୍ୟା କେହ୍ ଦିୟା' ଗୀତରେ ଏହି ଯୋଡିଙ୍କ ନୃତ୍ୟ ବେଶ୍ ଦର୍ଶକାଦୃତ ହୋଇଥିଲା। ହେଲେ ରାନୀଙ୍କର ଏକ ଅବସୋସ ରହିଯାଇଛି। ତାହା କ'ଣ ଜାଣିବେନି? ଆସନ୍ତୁ ନା ଏ ନେଇ ଖୋଦ୍ ରାନୀ କ'ଣ କହୁଛନ୍ତି ଜାଣିବା। ସେ କହନ୍ତି, 'ମୋର ଆଶା ଥିଲା ଆମୀରଙ୍କ ଅଭିନୀତ ସୁପରହିଟ୍ ଫିଲ୍ମ 'ଲଗାନ୍'ରେ ଅଭିନୟ କରିବାକୁ। କେବଳ ଆଶା କଲେ ତ ହେବ ନାହିଁ, ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ପଡିଲେ ହେଲା। ଭଗବାନଙ୍କ ଦୟାରୁ ସେତେବେଳେ ମୋତେ ଏହି ଅଫରଟି ମଧ୍ୟ ମିଳିଥିଲା। କିନ୍ତୁ ତାହାର କିଛି ଦିନ ପୂର୍ବରୁ ମୁଁ ଅଭିନୟ କରୁଥିବା ଏକ ସିନେମାର ଶୁଟିଂ ଚାଲିଥିଲା। ଆଉ ତା'ଭିତରେ ମୁଁ 'ଲଗାନ୍' ପାଇଁ ସମୟ ବାହାର କରିପାରିଲି ନାହିଁ। ଫଳରେ ଚାନ୍ସଟି ମୋ ହାତରୁ ଖସିଗଲା।' 'ଲଗାନ୍' ଫିଲ୍ମଟିର ପ୍ରଯୋଜନା କରିଥିଲେ ଆମୀର ଖାଁ ଏବଂ ନିର୍ଦ୍ଦେଶନା ଦେଇଥିଲେ ଆଶୁତୋଷ ଗୋୱାରିକର। ସେ ସମୟରେ ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।


ରାନୀ

# ଓଁ ସ୍ୱାହା

ସି.ଆର ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ, ଏଲ. ଟି ପ୍ରଡ଼କ୍ସନ ସହଯୋଗୀତାରେ ନିର୍ମିତ 'ଓଁ ସ୍ୱାହା' ଚଳିତ ମାସରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଯୋଜନା କରିଛନ୍ତି ବିଜୟ ଦ୍ୱିବେଦୀ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲ୍ଲୀପ ପଣ୍ଡା। ଡା. ନିର୍ମଳ ନାୟକ ଏବଂ ହର ବାରିକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ର। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଇରା ମହାନ୍ତି, କୁଳଦୀପ ପଟ୍ଟନାୟକ ଓ ରୋଜାଲିନ। କୋରିଓଗ୍ରାଫି କରିବା ସହ ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ଲୁବୁନ ଟୁବୁନ। ବିଜୟ ଦ୍ୱିବେଦୀଙ୍କ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ବିଶିଷ୍ଟ ନାଟ୍ୟକାର ହର ବାରିକ। ଏହାର ସହ-ପ୍ରଯୋଜିକା ଅଛନ୍ତି ଅର୍ଚ୍ଚନା ଦ୍ୱିବେଦୀ, କ୍ରିଏଟିଭ ମୁଖ୍ୟ ଦାୟିତ୍ୱ ତୁଲାଇଛନ୍ତି ପ୍ରଣୟ ଜେଠୀ। ଚିତ୍ରଟିର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା, ସସ୍ମିତାଙ୍କ ବ୍ୟତୀତ ସ୍ୱର୍ଗତ ରାଇମୋହନ ପରିଡା, ପ୍ରତିଭା ପଣ୍ଡା, ମମତା ଅପା, ସରୋଜ ଦାସ, ଶୈଳେନ୍ଦ୍ର, ଚିନ୍ତାମଣି, କେ.କେ, ଡିସ୍କୋ ରେଡ୍ଡୀ, କାଳିଆ ଭାଇ, ଜୀବନ ପଣ୍ଡା, ବାବୁ ପ୍ରଧାନ ଏବଂ ଅସିତ ପତି ଆଦି ଅଭିନୟ କରିଛନ୍ତି।


ସସ୍ମିତା-ଜ୍ୟୋତି

# ଆଲିୟାଙ୍କ ଟି' ପାର୍ଟି

ଆଲିୟା ଭଟ୍ଟଙ୍କ ଟି' ପାର୍ଟିକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା। କଥା କ'ଣ କି 'ଗାଙ୍ଗୁବାଈ କାଠିଆୱାଡି' ଲାଗି ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ଅଭିନେତ୍ରୀ) ପାଇବା ପରେ ବ୍ୟସ୍ତତା ଯୋଗୁ ସେ ସାଙ୍ଗମାନଙ୍କୁ ଆପ୍ୟାୟିତ କରିପାରି ନ ଥିଲେ। ଏଇ ନିକଟରେ ସେ ତାଙ୍କର କେତେଜଣ ସାଙ୍ଗଙ୍କୁ ଟି'ପାର୍ଟିରେ ଡାକିଥିଲେ। କେବଳ ସେତିକି ନୁହେଁ, ଏହି ସମୟରେ ସେ ନିଜର ଖାଦ୍ୟାଭ୍ୟାସ ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ। ଏ ନେଇ ଆଲିୟା କହନ୍ତି, 'ମୁଁ ବହୁତ ଫୁଡି। କିନ୍ତୁ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ମୋର ସବୁଠାରୁ ପ୍ରିୟ ଫାଷ୍ଟଫୁଡ୍ ହେଲା ପିଜା। ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ତ ନିଜେ ପିଜ୍ଜା ପ୍ରସ୍ତୁତ କରି ଖାଇଥାଏ। ଏଠି ଆପଣମାନେ ଚା' ପିଇବା ସହ ମୋ ଦ୍ୱାରା ପ୍ରସ୍ତୁତ ପିଜ୍ଜା ଖାଇବାକୁ ଭୁଲିବେ ନାହିଁ।' ଜଣେ ଶିଶୁ କଳାକାର ଭାବରେ ଆଲିୟାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ଛଅ ବର୍ଷ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ନାୟିକା ଭାବରେ ତାଙ୍କର ଡେବ୍ୟୁ ଫିଲ୍ମ ଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'।


ଆଲିୟା


କ୍ୟାଟ୍ରିନା

# ବ୍ୟସ୍ତ ଅଛନ୍ତି ରିଚା

ରିଚା ଚଡ଼ାଙ୍କର ଗୋଟିଏ ଜିନିଷ ଆଡକୁ ମନ ଢ଼ଳିଛି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଫଟୋଗ୍ରାଫି ପ୍ରତି ମନ ବଳାଇଛନ୍ତି। ଅର୍ଥାତ୍, ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁ ନାହାନ୍ତି। ଫ୍ରି ହେବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, 'ଏହି ଅଭ୍ୟାସ ମୋର ଏବେକାର ନୁହେଁ। ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। ଉଠାଇଥିବା ଫଟୋଗୁଡିକୁ ଆଲବମ୍‌ରେ ରଖୁଛି। ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି।' ରିଚାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଓୟେ ଲକି, ଲକି ଓୟେ'ରୁ। ତା'ପରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା-'ଗ୍ୟାଙ୍ଗସ ଅଫ ୱାସେପୁର (ପାର୍ଟ-୧)', 'ଫୁକରେ', 'ୱାର୍ଡସ ୱିଥ ଗଡ୍‌ସ', 'ଜିୟା ଔର ଜିୟା', 'ପଙ୍ଗା', 'ସକିଲା' ଏବଂ 'ଫୁକରି-୩'।


ରିଚା

# ଡେଟ୍ ସମସ୍ୟା

କ୍ୟାଟ୍ରିନା କୈଫଙ୍କ ମୁଣ୍ଡରେ ହାତୀ ସୁନା କଳସ ଢ଼ାଳିଛି ବୋଲି କହିଲେ ଆଦୌ ଭୁଲ ହେବ ନାହିଁ। 'ଟାଇଗର ୩'ର ଆଶାନୁରୂପ ବିଜନେସ ପରେ ଏବେ ତାଙ୍କୁ ବ୍ୟାକ୍ -ଟୁ-ବ୍ୟାକ୍ ଦୁଇଟି ଅଫର ମିଳିଛି। ହେଲେ ଡେଟ୍‌କୁ ନେଇ ସେ ଏବେ ଦୋଛକିରେ ପଡିଛନ୍ତି। କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଏହି ନୂଆ ସିନେମାଦ୍ୱୟର କାହାଣୀ ଶୁଣିବା ପରେ ସେ ଏକରକମ ରାଜି ମଧ୍ୟ ହୋଇଥିଲେ। ହେଲେ ଅଡୁଆ ଏଇଥିପାଇଁ ହୋଇଛି ଯେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି। ତେଣୁ କାହାକୁ କେତେବେଳେ ସମୟ ଦେବେ ତାହା ତାଙ୍କୁ ଦୋଛକିରେ ପକାଇ ଦେଇଛି। ଏ ନେଇ କ୍ୟାଟ୍ରିନା କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି। ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ। ତେଣୁ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଜଣେ ପ୍ରଯୋଜକଙ୍କୁ ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି। ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ। ଏ ନେଇ କିଛି ନିଷ୍ପତ୍ତି ଏଯାଏ ନେଇନି। ଯଦି ଶୁଟିଂ ସିଡ୍ୟୁଲରେ ପରିବର୍ତ୍ତନ କରାଯାଏ ତେବେ ମୋର ସମସ୍ୟା ଅନେକାଂଶରେ ସମାଧାନ ହୋଇଯିବ।' ପୁଣି ଶୁଣିବାକୁ ମିଳୁଛି ଯେ 'ଟାଇଗର ୪'ରେ ସେ ସଲମାନଙ୍କ ସହ ପୁଣି ଥରେ ରିପିଟ୍ ହୋଇପାରନ୍ତି।

**ପ୍ରଥମ ରୋଜଗାର**



ଗାଳ୍ପିକ **ତପନ ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ରୋଜଗାରରେ ବହି ଓ ପତ୍ରିକା କିଣିଥିଲି

ପ୍ରଥମ ରୋଜଗାର କଥା ଭାବି ଦେବାବେଳେ ଗୋଟେ ଜହ୍ନ ଜହ୍ନ ରାତି ଯେମିତି ମୋ ଚାରିପଟେ ଫିଟି ପଡୁଛି। ହଁ, ମୁଁ 'ଜହ୍ନମାମୁଁ' ପତ୍ରିକା କଥା କହୁଛି। ପିଲା ଆଖିରେ, ପ୍ରଥମ ଦେଖାରେ କେତେ ନିଜର ଲାଗୁଥିଲା ସେ ! ତା'ର ପ୍ରଚ୍ଛଦ, ପୃଷ୍ଠା ସବୁକୁ ଦେଖିଲେ ଖୁସି ଲାଗୁଥିଲା। ପଢିଲେ ମନ ପୁରି ଯାଉଥିଲା। ରାଜା, ରାଣୀ, ବେତାଳ, ଅସୁର, ଜନ, ମହାଜନ ସମସ୍ତଙ୍କର କଥା ଥିଲା ସେଥିରେ। ତେବେ 'ଜହ୍ନମାମୁଁ' ପତ୍ରିକାର ଯେଉଁ ପୃଷ୍ଠାଟି ମୋତେ ବେଶି ଆକୃଷ୍ଟ କରୁଥିଲା ତାହା ଥିଲା ପତ୍ରିକା ଶେଷ ଆଡ଼କୁ ଥିବା ଚିତ୍ର ପ୍ରତିଯୋଗିତା। ଏହି ପୃଷ୍ଠାରେ ଥାଏ ଦୁଇଟି ଅଲଗା ଅଲଗା ଚିତ୍ର। ସେ ଚିତ୍ରକୁ ମେଳ କରି ଦୁଇ ଧାଡିରେ ଗୀତ ଲେଖି ପଠାଇବାକୁ ହୁଏ। ମନୋନୀତ ଲେଖା ପରବର୍ତ୍ତୀ ସଂଖ୍ୟାରେ ବିଜେତାଙ୍କ ନାଁ ସହିତ ପ୍ରକାଶିତ ହୁଏ। ପୁରସ୍କାର ବି ଦିଆଯାଏ। ଥରେ ଗୋଟେ ସଂଖ୍ୟା ଜହ୍ନମାମୁଁରେ ପ୍ରକାଶ ପାଇଥିବା ଦୁଇଟି ଚିତ୍ର ମୋ ମନକୁ ବେଶ୍ ଛୁଇଁଗଲା। ପ୍ରଥମ ଚିତ୍ରରେ ; ଜଣେ ଲୋକ ଝାଳ ସରସର ହୋଇ କୋଦାଳରେ ମାଟି ହାଣୁଥିଲା ଏବଂ ଅନ୍ୟ ଚିତ୍ରରେ ; ଜଣେ କୁମ୍ଭାର ଚକି ଧରି ବସି କିଛି ଗଢୁଥିଲା। ଲେଖି ଦେଲି ଗୀତ ପଦେ। ଏହା ଥିଲା ୧୯୮୨/୮୩ ମସିହାର କଥା ; ସେତେବେଳେ ଅଷ୍ଟମ କି ନବମରେ ମୁଁ ପଢୁଥାଏ। ସେ ସମୟରେ ଜହ୍ନମାମୁଁ ପତ୍ରିକାର ମୂଲ୍ୟ ଏକ ଟଙ୍କା ପଞ୍ଚସ୍ତରୀ କିମ୍ବା ୨ ଟଙ୍କା ଥାଏ, ହେଲେ ଚିତ୍ର ପ୍ରତିଯୋଗିତା ବିଜୟୀଙ୍କୁ ପୁରସ୍କାର ମିଳୁଥାଏ ୨୫ କି ୫୦ ଟଙ୍କା। ସେତିକି ଟଙ୍କା ବି ସେତେବେଳେ ଖୁବ୍ ବହୁତ ଲାଗିଥିଲା। ଖର୍ଚ୍ଚ କ'ଣ କରିବି, ବରଂ ତାକୁ ବହୁ ଦିନ ଯାଏଁ ପାଖରେ ରଖିଲି। ପରେ ସେ ଟଙ୍କାରେ କେତୋଟି ବହି ଓ ପତ୍ରିକା କିଣିଥିଲି। ତେବେ ଲେଖିଥିବା ସେ ପଦେ ଗୀତକୁ ମୁଁ ଆଜିଯାଏଁ ବି ମନେ ରଖିଛି। ଚିତ୍ର ଦୁଇଟିକୁ ଦେଖୁ ଦେଖୁ କେମିତି କେଜାଣି ମୁଁ ହଠାତ୍ ଲେଖି ଦେଇଥିଲି, 'ସହିବି ତୁମର ଆଘାତ ଯେତେ, ସତେ କି ସୁନ୍ଦର କରୁଛ ମୋତେ'। ସତରେ ; ସୃଜନ ଯାତ୍ରାର ଏ ଦୀର୍ଘ ପଥରେ ; ଗପଟିଏ ଲାଗି ଗୋଟିଏ ଲେଖାକୁ ବାରମ୍ବାର କାଟିଲାବେଳେ ସେ ଚିତ୍ର ଦୁଇଟିର କଥା ମନକୁ ଆସି ଯାଇଛି। ମୁଁ କେବଳ ମାଟି ହାଣି ଗଦା କରିଛି ଅବା ଦ୍ୱିତୀୟ ଚିତ୍ର ପରି କିଛି ଗଢିବାକୁ ବସିଛି। କୋଉ ଗଢି ପାରିଲି କିଛି!!! ଯଦିବା ଯା' ଭିତରେ ମୋର 'ଛବି ମଣିଷ', 'କାଉଁରି ପାନିଆ', 'ବିସ୍ମୟ ଏକ ବିନ୍ଦୁ', 'ଏଠି ପ୍ରଜାପତି ନାହିଁ', 'ଝିଅଠାରୁ ଉଧାର ଆଣି', 'ଯେତେ ଯାଏଁ ଆଖି ସେତେ ଯାଏଁ ଆକାଶ', 'ଫୁଲ ଦିଆନିଆ' ଗଳ୍ପ ପୁସ୍ତକ ; 'ମୋ ଗପରେ ଗୀତର ଗାୟକ', 'ଅଧାରୁ ଆରମ୍ଭ ଅଧାରେ ଶେଷ' ଜୀବନୀ ପୁସ୍ତକ ପ୍ରକାଶିତ ହୋଇଛି। କେତେକ ପୁସ୍ତକ ସମ୍ଭାବନା ବି କରିଛି। ଖୋର୍ଦ୍ଧା ଜିଲା କଲ୍ୟାଣପୁରରେ ଜନ୍ମ ହୋଇ ପତିତପାବନ ହାଇସ୍କୁଲ୍, ଗୁଡୁମ୍‌ରୁ ମାଟ୍ରିକ୍ ଏବଂ ପି.ଏନ୍. କଲେଜରୁ ଯୁକ୍ତ ତିନି ପଢାସାରି ଜୁନିୟର୍ କ୍ଲର୍କ ଭାବେ ଚାକିରି ଜୀବନ ଆରମ୍ଭ କରି ଏବେ ଉପ ବିଭାଗ ଅଧିକାରୀ ରୂପେ ଦାୟିତ୍ୱ ନିର୍ବାହ କରୁଛି। ତେବେ ଚାକିରି ଜୀବନର ରୋଜଗାର ଅପେକ୍ଷା ସୃଜନ ଯାତ୍ରାର ଏହି ପ୍ରଥମ ରୋଜଗାର ଯେଉଁ ପ୍ରଥମ ଆତ୍ମସନ୍ତୋଷ ଦେଇଥିଲା ତାହା ଭୁଲି ହେଉନାହିଁ। *-ଅନ୍ୱିତା*

**ସାଥୀ**

# ମନ ସାଙ୍ଗେ ଥରେ ମିଶିଲେ ମନ, ଜଣାପଡେ ନାହିଁ ରାତି କି ଦିନ



**ପ୍ରଶ୍ନ-** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ଏହି ଶୀତ ଦିନରେ ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

*-ଜିତେନ ସାହୁ, ବଲାଙ୍ଗୀର*

**ଉତ୍ତର:** ସୁନ୍ଦରୀ ମନ ସହ ଯେତେବେଳେ ମନ ମିଶିଯାଇଛି, ସେତେବେଳେ ଆଉ ପଛକୁ ଚାହୁଁଛନ୍ତି କିଆଁ ? ଦୁଇପଟରୁ ଯଦି ସିଗନାଲ ଠିକ୍ ଧରିଛି, ତେବେ ଆଗକୁ ମାଡିଯିବା କଥା। ଯଦି 'କଣ କରିବି' ବୋଲି ଚିନ୍ତା କରନ୍ତି, ତେବେ ଚାନ୍ସଟା ହାତରୁ ଖସି ଯାଇପାରେ। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖିଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। 'ମନ ସାଙ୍ଗେ ଥରେ ମିଶିଲେ ମନ, ଜଣାପଡେ ନାହିଁ ରାତି କି ଦିନ।' ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ ନା ! ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ-** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ନାହିଁ ଜାଣିପାରୁନାହିଁ। କ'ଣ କରିବି ? *-ଅଜିତ ରାଉତ, କଟକ*

**ଉତ୍ତର:** ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ-** ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*-କୁମାର ପ୍ରଦୀପ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନସନର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ-** ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*-ବିନୟ, ରେଢ଼ାଖୋଲ*

**ଉତ୍ତର:** ପ୍ରଶ୍ନରୁ ଯାହା ଜଣାପଡୁଛି, ଏହି ପ୍ରେମରେ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ-** ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*-ସୁଜିତ କୁମାର, ସୋନପୁର*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ହେଲେ ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ମଜା ନେବାକୁ ଚେଷ୍ଟା କରନ୍ତୁ।

# ଘରଚଟିଆ ସୁରକ୍ଷାରେ ଦମ୍ପତି





**ପେସାରେ ସେ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। କିନ୍ତୁ ପରିବେଶକୁ ଭଲ ପାଆନ୍ତି। ବିରଳ ପକ୍ଷୀଙ୍କ ସୁରକ୍ଷା ପାଇଁ ସ୍ୱପ୍ନ ଦେଖନ୍ତି। ଯେଉଁଥିପାଇଁ ପ୍ରାୟ ୭ ବର୍ଷ ଧରି ପତ୍ନୀଙ୍କ ସହ ସେ ଘରଚଟିଆଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିବା ସହ ପ୍ଲାଏଉଡ୍‌ର ଘର ତିଆରି କରି ବିଭିନ୍ନ ଗାଁରେ ବାଣ୍ଟୁଛନ୍ତି..**

..............................



**ସେ** ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ବିରଳ ପ୍ରାଣୀଙ୍କ ସୁରକ୍ଷା ପାଇଁ ସ୍ୱପ୍ନ ଦେଖନ୍ତି। ନିଜ ପକେଟ୍ ମନିରେ ଘରଚଟିଆଙ୍କ ପାଇଁ ତିଆରି କରନ୍ତି ପ୍ଲାଏଉଡ୍‌ର ଘର। ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ଧର୍ମପତ୍ନୀ ସହଯୋଗ କରନ୍ତି। ପ୍ରାୟ ୭ ବର୍ଷ ଧରି ଉଭୟେ ବିଭିନ୍ନ ଗାଁକୁ ଯାଇ ଘରଚଟିଆ ଉପକାରିତା ଓ ତା'ର ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ବୁଝାଇଥାନ୍ତି। ଦିନକୁ ଦିନ ଅନେକ ପ୍ରଜାତିର ବହୁ ବିରଳ ପକ୍ଷୀ ଲୋପ ପାଇଯାଉଛନ୍ତି। ଯାହା ବ୍ୟଥିତ କରିଛି ଯୁବ ଇଞ୍ଜିନିୟର ଆଦିତ୍ୟ ଦାଶଙ୍କୁ। ଆଦିତ୍ୟଙ୍କ ଘର ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୋଡ଼ିପଡ଼ା ଗାଁରେ। ସେ କୁହନ୍ତି, 'ପ୍ରତିଦିନ ଖବର କାଗଜ ପୃଷ୍ଠା ଲେଉଟାଇଲା ବେଳେ ନଜରରେ ଆସେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ବଂଶ କମିଯାଉଛି। ଯେମିତିକି ଘରଚଟିଆ। ଦିନେ ଗାଁଦାଣ୍ଡରେ ଏମାନେ ଡେଇଁ ଡେଇଁ ଦାନା ଅଣ୍ଡାଳୁଥିବାର ଦୃଶ୍ୟ ଏବେ ବିରଳ। ଏଥିଯୋଗୁ ଘରଚଟିଆ ସୁରକ୍ଷା ପାଇଁ ଆଗେଇ ଆସିଥିଲି। ପ୍ରଥମେ ଏମାନଙ୍କ ସୁରକ୍ଷା ପାଇଁ କେତୋଟି ଛୋଟଛୋଟ ମାଠିଆ ଓ କାର୍ଟୋନକୁ ସଂଗ୍ରହ କରିଥିଲି। ତା' ପରେ ନାଗମୁଣ୍ଡଳୀ ଗ୍ରାମରେ ଏହି ମାଠିଆ ଏବଂ କାର୍ଟୋନଗୁଡ଼ିକୁ ଲଗାଇଥିଲି। ଏଥିରେ ଘରଚଟିଆ ବସାକରି ରହିବା ଅଭ୍ୟାସ କରିଥିଲେ। କିଛିଦିନ ପରେ ଦେଖିଲି ଏଥିରେ ଘରଚଟିଆ ବସା ବାନ୍ଧି ରହୁଛନ୍ତି। ଏହା ଦେଖି ବହୁତ ଖୁସିଲାଗିଲା। ପରୀକ୍ଷାମୂଳକ ଭାବେ କେତେଜଣଙ୍କ ଘରେ ପ୍ଲାଏଉଡରେ ଘରଚଟିଆ ବସା ତିଆରି କରି ବାନ୍ଧିଥିଲୁ। ଏଥିରେ ଘରଚଟିଆ ବସାକରି ରହିବା ଅଭ୍ୟାସ କରିଥିଲେ। ମୋ ସହିତ ମୋ ପତ୍ନୀ ସଂଘମିତ୍ରା ବିଭିନ୍ନ ଗାଁକୁ ଯାଇ ଲୋକଙ୍କୁ ପକ୍ଷୀ ସୁରକ୍ଷା ବିଷୟରେ ବୁଝାଉଥିଲେ। ୨୦୧୭ ମସିହାରୁ ଏହି ଘରଚଟିଆ ସୁରକ୍ଷା ଅଭିଯାନ ଚାଲୁରଖିଛୁ। ଘରଚଟିଆଙ୍କ ପାଇଁ ପ୍ଲାଏଉଡ୍‌ରେ ପ୍ରାୟ ଶତାଧିକ ବାକ୍ସ ତିଆରି କରି ନିକଟସ୍ଥ କୁଟୁଣୀ, ତଲାରିବନ୍ଧ, ଗୋଡ଼ିପଡ଼ା, ମୁକ୍ତାପୁର, ଢେଙ୍କେଣୀ ଆଦି ଗାଁରେ ଲଗାଇ ଘରଚଟିଆ ସୁରକ୍ଷା ଅଭିଯାନକୁ ଚାଲୁରଖିଛୁ। ଏଯାଏ ଓଡ଼ଗାଁ ବ୍ଲକ ଓ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ପ୍ରାୟ ଶହେଟି ପ୍ଲାଏଉଡ୍‌ର ତିଆରି ଘରଚଟିଆ ଘରେ ଏହି ପକ୍ଷୀମାନେ ଅଣ୍ଡାଦେଇ ଛୁଆଫୁଟାଇ ବଂଶ ବିସ୍ତାର କରିସାରିଲେଣି। ମା' ଘରଚଟିଆ ଯେତେବେଳେ ତା' ବସାରେ ଛୁଆକୁ ଚଞ୍ଚୁରେ କିଛି ଖାଦ୍ୟ ଖୁଆଇଥାଏ। ଏହି ଦୃଶ୍ୟ ଦେଖିଲେ ମୋତେ ଆତ୍ମସନ୍ତୋଷ ମିଳିଥାଏ। ଘରଚଟିଆ ସୁରକ୍ଷା ଅଭିଯାନ ପାଇଁ ସେମାନଙ୍କ ଘର କରି ସଫଳତା ପାଇଲୁ।





ସଂଘମିତ୍ରା କୁହନ୍ତି, 'ଘରଚଟିଆଙ୍କୁ ଦେଖିଲେ ଖୁସି ଲାଗେ। ସେମାନେ ଆମ ପରିବାର ସଦସ୍ୟଙ୍କ ପରି । ଏମାନେ ଶସ୍ୟକ୍ଷେତ୍ରରୁ ପୋକ, କୀଟ, ଲେଡ଼ିପୋକ, ଉଇ ଆଦି ଅଦରକାରୀ କୀଟକୁ ଖାଇଥାନ୍ତି। ଏହି ପକ୍ଷୀ ଦେଖିବାକୁ ଯେତିକି ସୁନ୍ଦର ଏମାନଙ୍କ ବସା ମଧ୍ୟ ସେତିକି ସୁନ୍ଦର। ଏମାନଙ୍କ ସୁରକ୍ଷା ଲାଗି ଆଇବିସିଏନ୍ ତରଫରୁ ଗାଁଗଣ୍ଡାରେ ତାଳ ଓ ଖଜୁରି ଗଛର ସୁରକ୍ଷା ଲାଗି ଜନ ସଚେତନତା କରିଆସୁଛୁ। ନାସିକର ଘରଚଟିଆ ସୁରକ୍ଷାକର୍ମୀ ମହମ୍ମଦ ଦିଲ୍‌ୱାର ହେଉଛନ୍ତି ଆମ ପ୍ରେରଣା। ସେହିପରି ବଳକା ସମୟରେ ବୃକ୍ଷରୋପଣ ବି କରିଥାଏ। ବିଭିନ୍ନ ବୃକ୍ଷଲତା ଓ ଜୀବଜନ୍ତୁଙ୍କର କିପରି ସୁରକ୍ଷା ହୋଇପାରିବ ସେଥିପାଇଁ ବିଭିନ୍ନ ଗାଁରେ ଜନସଚେତନତା କାର୍ଯ୍ୟ କରିଥାଏ। ଯେଉଁମାନେ ଏହି କାର୍ଯ୍ୟରେ ମୋତେ ସହଯୋଗ କରନ୍ତି ସେମାନଙ୍କୁ ସମ୍ମାନିତ କରିଥାଏ।

ସ୍କୁଲ କଲେଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପରିବେଶବିତ୍ ସମସ୍ତେ ଏହି ଅଭିଯାନରେ ସାମିଲ ହେଉଛନ୍ତି। ଘରଚଟିଆ ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବାରୁ ସବୁଜ ଶ୍ରୀ ସମ୍ମାନ, ପ୍ରକୃତିବନ୍ଧୁ, ଅବିଲୋକ ପରିବେଶ ସମ୍ମାନ, ନେଚର ଫର ଏଭର ସୋସାଇଟି ଆଦି ଅନେକ ସଂସ୍ଥାରୁ ପୁରସ୍କୃତ ହୋଇଛି। ଏଥିପାଇଁ ମୋର ନିଆରା ପରିଚୟ ସୃଷ୍ଟି ହୋଇପାରିଛି।

–ବନବିହାରୀ

## ଓଡ଼ିଶୀ ମୋର ପ୍ରଥମ ପ୍ରେମ



**ସେ** ଜଣେ ସଫ୍ଟୱେର ଡେଭଲପର ଭାବେ କାର୍ଯ୍ୟ କରନ୍ତି। ମାତ୍ର ନିଶା ତାଙ୍କର ଓଡ଼ିଶୀ ନୃତ୍ୟ। ପ୍ରତିଦିନ ଘରେ ସେ ଓଡ଼ିଶୀ ନୃତ୍ୟ ଅଭ୍ୟାସ କରିଥାନ୍ତି। ସେ ହେଲେ **ମୋନାଲିସା ରାଉତ**। ମୋନାଲିସାଙ୍କ ଘର କଟକ ଜିଲାର ନିଶ୍ଚିନ୍ତ କୋଇଲି ବ୍ଲକ ଅନ୍ତର୍ଗତ ଦାମୋଦର ପୁରରେ। ଜେଜେ ଯୁଧିଷ୍ଠିର ମହାନ୍ତି ଥିଲେ ଜଣେ ସଂକୀର୍ତ୍ତନ ଗାୟକ। ତାଙ୍କଠାରୁ ପୁରାତନ ସଂଗୀତ ଶୁଣି ଖୁସି ହୋଇପଡୁଥିଲି। ସ୍କୁଲ ବୟସରୁ ପ୍ରଥମେ ଟିଭିରୁ ଓଡ଼ିଶୀନୃତ୍ୟ ଦେଖି ସେହିପରି ନୃତ୍ୟ କରିବାକୁ ଅଭ୍ୟାସ କରୁଥିଲି। ଏଥିଯୋଗୁ ଘରେ ବାପା ସୁରେନ୍ଦ୍ର ରାଉତ ଓ ମା' ଜୟଶ୍ରୀ ରାଉତ ମୋର ଓଡ଼ିଶୀ ନୃତ୍ୟ ଶିକ୍ଷାପାଇଁ ଗୁରୁ ପ୍ରତିଭା ପଣ୍ଡାଙ୍କ ନିକଟକୁ ନେଇଥିଲେ । ୨୦୦୯ମସିହାରୁ ତାଙ୍କ ପାଖରେ ଓଡ଼ିଶୀ ଶିକ୍ଷା କରୁଛି। ଏମିତିରେ ଓଡ଼ିଶୀରେ ମଙ୍ଗଳାଚରଣ, ପଲ୍ଲବୀ ,ଅଭିନୟ, ସ୍ଥାୟୀ, ମୁଖ୍ୟ, ବଟୁ ଆଦି ଶିକ୍ଷା ଲାଭ କରିପାରିଛି। ଚଣ୍ଡିଗଡ଼ଠାରେ ଥିବା ପ୍ରଚୀନ କଳାକେନ୍ଦ୍ରରୁ ଓଡ଼ିଶୀରେ ଗ୍ରାଜୁଏଶନ ସାରିଛି। ଓଡ଼ିଶାରେ ଆୟୋଜିତ ବୈଶାଖୀ ମହୋତ୍ସବ, ଚଉଷଠି ଯୋଗିନୀ ମହୋତ୍ସବ, ମୁକ୍ତେଶ୍ୱର ମହୋତ୍ସବ ଆଦିରେ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରିପାରିଛି। ସେହିପରି ରାଜ୍ୟ ବାହାରେ ଦିଲ୍ଲୀ, ବିହାର, ଝାଡ଼ଖଣ୍ଡ, ତିରୁପତି, ଚଣ୍ଡିଗଡ଼ ଠାରେ ଓଡ଼ିଶୀ ନୃତ୍ୟକୁ ପ୍ରଦର୍ଶନକରି ବହୁପ୍ରଶଂସିତ ହୋଇପାରିଛି। ମଞ୍ଚରେ ଓଡ଼ିଶୀନୃତ୍ୟ ବେଳେ ସ୍ୱର ଓ ତାଳ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜକୁ ହିଁ ସମର୍ପଣ କରିଥାଏ । ଓଡ଼ିଶୀ ମୋର ପ୍ରଥମ ପ୍ରେମ।



ଶ୍ୱେତା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ସଂସ୍କାରୀ

ରମେଶ ରାଜୁଙ୍କୁ: ତୋ ସ୍ତ୍ରୀ ତତେ କେବେ ଗଧ କହେ ?

ରାଜୁ: ନା। ସେ ବହୁତ ସଂସ୍କାରୀ ତ ସିଧା ସିଧା ନ କହି ସର୍ଟକଟ୍‌ରେ କହେ।

ରମେଶ: ବୁଝିପାରିଲିନି।

ରାଜୁ: ସେ ମତେ 'ଆବେ ଗଧ' ବଦଳରେ 'ଏ.ଜି', 'ଓୟେ ଗଧ' ବଦଳରେ 'ଓ.ଜି.' କହେ। ତଥାପି ଶୁଣି ନ ପାରିଲେ ମତେ 'ଶୁଣେ ଗଧ' ବଦଳରେ 'ଶୁନୋ ଜୀ' କହେ।

## ବାହା ହେବିନି

ବାପା ପୁଅକୁ: ବାହାଘର କଥା ପଡିଲେ ତୁ ସବୁବେଳେ ମନା କରି ଦେଉଛୁ। କେବେ ଆଉ ବାହା ହେବୁ ?

ପୁଅ: ମତେ ସବୁ ସ୍ତ୍ରୀ ଲୋକ ଡ଼ର ଲାଗୁଛନ୍ତି।

ବାପା: ଏମିତରେ ତୁ ନିଶ୍ଚୟ ବାହା ହେବା କଥା। କାହିଁକି ନା ବାହାଘର ପରେ ସ୍ତ୍ରୀକୁ ଛାଡିଦେଲେ ଆଉ କାହାକୁ ଡ଼ର ଲାଗେନି।


## ଶେଷ ଶବ୍ଦ

ଓକିଲ ମହିଳାଙ୍କୁ: ହତ୍ୟା ରାତିରେ ତୁମ ସ୍ୱାମୀ ଏମିତି କ'ଣ କହିଲେ ଯେ, ତୁମେ ରାଗିକି ଏତେ ବଡ଼ ଜଘନ୍ୟ ଅପରାଧ କଲ ?

ମହିଳା: ନିଦରୁ ଉଠି ମତେ କହିଲେ ମୋ ଚଷମା କାଇଁ ସୋନିୟା ?

ଓକିଲ: ଏଥିରେ ହତ୍ୟା କରିବାର କ'ଣ ଥିଲା ?

ମହିଳା: ମୋ ନାଁ ସୋନିୟା ନୁହଁ ରଞ୍ଜନା।







## ଅନନ୍ୟ ସହର

# କରୌଲି






**ରାଜସ୍ଥାନର କରୌଲି ଜିଲାରେ ଅବସ୍ଥିତ ଏକ ଐତିହାସିକ ସହର ହେଉଛି କରୌଲି। ଏହି ସହରରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ମୁଖ୍ୟତଃ ଏଠାରେ ଥିବା ଆଧ୍ୟାତ୍ମିକ ପୀଠଗୁଡ଼ିକ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଶିକ୍ଷା ଓ କଳାକୃତି କ୍ଷେତ୍ରରେ ବି ଏହି ସହରର ରହିଛି ଭିନ୍ନ ଏକ ପରିଚୟ। ସେଥିପାଇଁ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ...**

ରାଜସ୍ଥାନର କରୌଲି ଜିଲା ଅନ୍ତର୍ଗତ ଏକ ପ୍ରମୁଖ ସହର ହେଉଛି କରୌଲି। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାର ରହିଛି ବେଶ୍ ନାଁ। ବିଶେଷକରି ଅନେକ ଆଧ୍ୟାତ୍ମିକ ପୀଠ ଏଠାରେ ଦେଖିବାକୁ ମିଳିଥାଏ। ତା'ଛଡ଼ା ଶିକ୍ଷା ହେଉ ଅବା କଳାକୃତି ଅଥବା ବେପାର ବଣିଜ କ୍ଷେତ୍ରରେ ମଧ୍ୟ ଏହି ସହରର ରହିଛି ଭିନ୍ନ ଏକ ପରିଚୟ। ତେବେ ଏଠାରେ କେବଳ ଆଧ୍ୟାତ୍ମିକ ପୀଠ ଦେଖିବାକୁ ମିଳେ ତାହା ନୁହେଁ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବି ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ।

### କରୌଲିର ଇତିହାସ

ଏହି ସହରର ମଧ୍ୟ ଗୌରବଶାଳୀ ଇତିହାସ ରହିଛି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, କରୌଲି ଉପରେ ଅନେକ ରାଜବଂଶର ରାଜାମାନେ ଶାସନ କରିଯାଇଛନ୍ତି। ଆଉ ପ୍ରତି ରାଜାଙ୍କ ଶାସନ କାଳ ସମୟରେ ଏହି ସହରରେ କିଛି ନା କିଛି ଉନ୍ନତିମୂଳକ କାମ ହୋଇଛି। ଯେଉଁଥିପାଇଁ ଚାଷବାସ ହେଉ ଅବା ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଏହି ସହର ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

### କରୌଲିର ପ୍ରମୁଖ ପର୍ଯ୍ୟଟନସ୍ଥଳୀ

କରୌଲି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ତଥା ତୀର୍ଥଭୂମି ଅଟେ। ମୁଖ୍ୟତଃ ଏହି ସହରରେ ଅନେକ ଧାର୍ମିକପୀଠମାନ ରହିଛି। ଯେମିତିକି: କୈଲା ଦେବୀ ମନ୍ଦିର, କ୍ରିଷ୍ଣା ମନ୍ଦିର, ମହେନ୍ଦ୍ରିପୁର ବାଲାଜୀ ମନ୍ଦିର, ଅଞ୍ଜନି ମାତା ମନ୍ଦିର, ନନ୍ଦେ ଭୁମିଆ ମନ୍ଦିର, ସୋନା ଭୂମିଆ ମନ୍ଦିର, ଭଞ୍ଜୟେ ବାବା ମନ୍ଦିର, ଶ୍ରୀ ମହାବିରଜି ମନ୍ଦିର ଇତ୍ୟାଦି ଅନ୍ୟତମ। ତା'ଛଡା ଏଠାରେ ଥିବା ମଣ୍ଡରାୟଲ ନାମକ ଏକ ଦୁର୍ଗର ଆକର୍ଷଣୀୟ ରୂପ ବି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେହିପରି ଏହି ସହର ପାର୍ଶ୍ୱ ଦେଇ ପ୍ରବାହିତ ହେଉଥିବା ଚମ୍ବଲ ନାମକ ନଦୀଟିର ପ୍ରାକୃତିକ ପରିବେଶ ବି ବେଶ୍ ମନଲୋଭା ହୋଇଥାଏ। ଏଠାରେ ପର୍ଯ୍ୟଟକ ଗାଧୋଇବା ସହ ବୋଟିଂ ମଜା ବି ନେଇପାରିବେ। କେବଳ ସେତିକି ନୁହେଁ ଏହି ସହରରେ ମଧ୍ୟ ରହିଛି ଅନେକ ଆକର୍ଷଣୀୟ ମ୍ୟୁଜିୟମ୍, ପାର୍କ ତଥା ପିକ୍‌ନିକ୍ ସ୍ପଟ୍। ସେଥିପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, କରୌଲି ବୁଲିଯିବା ପାଇଁ ନଭେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଗଙ୍ଗାପୁର ରେଲୱେ ଷ୍ଟେଶନ ହେଉଛି ଏହାର ଏକ ପ୍ରମୁଖ ରେଳଷ୍ଟେଶନ, ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ସେହିପରି ଜୟପୁର ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ଉକ୍ତ ବିମାନବନ୍ଦରରେ ଓହ୍ଲାଇ ସେଠାରୁ ଟ୍ୟାକ୍ସି ସାହାଯ୍ୟରେ ଆରାମରେ ଯାଇ ପର୍ଯ୍ୟଟକ କରୌଲିରେ ପହଁଞ୍ଚିପାରିବେ। ଅନ୍ୟପକ୍ଷେ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଏଠାକୁ ଯା'ଆସ କରିଥାଏ; ଯାହା ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ବିକଳ୍ପ ହୋଇପାରେ।



# ସମୁଦ୍ର ଲବଣାକ୍ତ କାହିଁକି



**ପୃଥିବୀରେ ଜଳଭାଗ ଅଧିକ ଥିଲେ ହେଁ ପିଇବା ଯୋଗ୍ୟ ଜଳର ମାତ୍ରା ବହୁତ କମ୍। କାରଣ ଅଧିକାଂଶ ଜଳ କ୍ଷାରୀୟ ଅଟେ। ଆଉ ତାହା ସମୁଦ୍ର ଓ ମହାସାଗର ଆକାରରେ ଅଛି। ତେବେ କେବେ ଭାବିଛନ୍ତି କି ସମୁଦ୍ରର ଜଳ କ୍ଷାରୀୟ କାହିଁକି? ଜାଣନ୍ତୁ ସେ ସମ୍ପର୍କରେ..**

ପୃଥିବୀରେ ପ୍ରାୟ ୭୧ ପ୍ରତିଶତ ଜଳଭାଗ ରହିଛି। ହେଲେ ସମୁଦାୟ ଜଳଭାଗର ପ୍ରାୟ ୯୬.୫ ପ୍ରତିଶତ ହେଉଛି ସମୁଦ୍ର ଜଳ ତଥା କ୍ଷାରୀୟ ଜଳ। ମଧୁର ଜଳର ଭାଗ ମାତ୍ର ୩%। ଯେଉଁଥିରୁ ୨.୫% ମଧୁରଜଳ ଗ୍ଲାସିୟର, ପୋଲାର ଆଇସ୍‌କ୍ୟାପ୍, ଗଭିର ଭୂତଳ ଆଦିରେ ରହିଛି। ତେଣୁ ୦.୫% ଜଳ ହିଁ ପିଇବା ପାଇଁ ଉପଲବ୍ଧ। ଅର୍ଥାତ୍ ପୃଥିବୀରେ ଏତେଭାଗ ଜଳ ଥିଲେ ହେଁ ତାହା ପିଇବା ଯୋଗ୍ୟ ନୁହେଁ। କାରଣ ଅଧିକାଂଶ ଜଳ କ୍ଷାରୀୟ। ଆମେରିକାର ନ୍ୟାଶନାଲ ଓସିଆନିକ ଏବଂ ଆଟମୋସଫିୟରିକ ଆଡମିନିଷ୍ଟ୍ରେଶନ୍ ଅନୁଯାୟୀ ଯଦି ସବୁ ସମୁଦ୍ରରୁ ଲବଣ ବାହାର କରି ଭୂମିରେ ବିଛାଇ ଦିଆଯାଏ ତେବେ ଏହାର ମୋଟେଇ ୫୦୦ ମିଟର ଉଚ୍ଚ ହେବ। ସମୁଦ୍ର ପାଣିରେ ୧୦୦୦ ଗ୍ରାମରେ ଯେତିକି ଗ୍ରାମ ଲବଣ ଥାଏ ତାହାକୁ ସମୁଦ୍ରର ଲବଣତା କୁହାଯାଏ। ମହାସାଗରଗୁଡ଼ିକରେ ନ୍ୟୁନତମ ଲବଣତା ପ୍ରତି ଏକ ହଜାର ଗ୍ରାମରେ ୩୬ ଗ୍ରାମ ଥାଏ ବୋଲି କୁହାଯାଏ। ଭିନ୍ନ ଭିନ୍ନ ମହାସାଗରରେ ଲବଣତା ମାତ୍ରା ଭିନ୍ନ ଭିନ୍ନ ହୋଇଥାଏ। ତେବେ କେବେ ଭାବିଛନ୍ତି କି ସମୁଦ୍ର ଓ ମହାସାଗର ଜଳ ଲବଣାକ୍ତ କାହିଁକି ? ଏହା ପଛରେ ରହିଛି ଅନେକ କାରଣ। ସେଥିରୁ ଗୋଟିଏ ହେଉଛି ଏଥିରେ ଥିବା ବିଭିନ୍ନ ପ୍ରକାରର ଖଣିଜ ପଦାର୍ଥ। ଯେମିତିକି ସୋଡିୟମ କ୍ଲୋରାଇଡ, ମ୍ୟାଗ୍ନେସିୟମ କ୍ଲୋରାଇଡ, କ୍ୟାଲସିୟମ ସଲଫେଟ୍, କ୍ୟାଲସିୟମ କାର୍ବୋନେଟ୍, ପଟାସିୟମ ସଲଫେଟ୍, ମ୍ୟାଗ୍ନେସିୟମ ବ୍ରୋମାଇଡ ଆଦି ଏହି ଜଳରେ ଥାଏ। ଏହିସବୁ ଜଣିଜ ପଦାର୍ଥ ହେଉଛି ସମୁଦ୍ର ଲବଣାକ୍ତ ହେବା ପଛର କାରଣ। ନଦୀ ଏହିସବୁ ଖଣିଜ ପଦାର୍ଥଗୁଡିକୁ ଚଟାଣକୁ କାଟି ସମୁଦ୍ର ପର୍ଯ୍ୟନ୍ତ ପ୍ରବାହିତ କରି ନେଇଥାଏ। ଆଉ ସେଠାରେ ଏହା ଲଗାତାର ଜମା ହୁଏ। ଯଦ୍ୱାରା ସମୁଦ୍ରର କ୍ଷାରୀୟ ଅଂଶ ବୃଦ୍ଧି ହୋଇଥାଏ। ଏହି କାରଣ ବ୍ୟତିତ ସମୁଦ୍ର ପାଣିର ଯେତେ ଅଧିକ ବାଷ୍ପିକରଣ ହୁଏ ସମୁଦ୍ର ଜଳର କ୍ଷାରୀୟପଣ ସେତିକି ବୃଦ୍ଧି ହୁଏ। ଆଉ ତାପମାତ୍ରା ବୃଦ୍ଧି ହେଲେ ବି ଖାରାପଣ ବଢିଥାଏ।

ଏମିତିରେ ତ କୌଣସି ସମୁଦ୍ରର ଜଳ ମଧୁର ନୁହେଁ। କିନ୍ତୁ ଆଟଲାଣ୍ଟିକ ମହାସାଗରର ତଳଭାଗରେ କିଛି ମଧୁର ଜଳର ସ୍ରୋତର ସନ୍ଧାନ ବୈଜ୍ଞାନିକମାନେ ପାଇଛନ୍ତି। ଭୂମଧ୍ୟ ରେଖୀୟ ପ୍ରଦେଶରେ ବି କିଛି କମ୍ ଖାରା ପାଣି ମିଳିଥାଏ। ଏଠାରେ ବର୍ଷସାରା ତାପମାତ୍ରା ଅଧିକ ରହେ। ଫଳରେ ଆର୍ଦ୍ରତା ଅଧିକ ହେବା ଯୋଗୁ ଆକାଶରେ ବାଦଲ ଛାଇ ରହେ। ଆଉ ଅଧିକ ବର୍ଷା ହୁଏ। ତେଣୁ ଏଠାକାର ଜଳର ଖାରାପଣ କିଛିଟା କମ୍।







# ସବୁଠୁ ବଡ଼ ବେଲୁନ୍ ସ୍ଥାପତ୍ୟ

ବେଲୁନ ପିଲାଙ୍କର ଭାରି ପ୍ରିୟ। ତେଣୁ ବିଭିନ୍ନ ପ୍ରକାର ଡିଜାଇନ୍ ଓ ରଙ୍ଗର ବେଲୁନ୍ ମିଳେ। ତେବେ ଏଇ ବେଲୁନ୍‌କୁ ବ୍ୟବହାର କରି ଜଣେ ବ୍ୟକ୍ତି ଏକ ବିରାଟାକୟ ସ୍ଥାପତ୍ୟ ଗଢିଛନ୍ତି। ଆଉ ତାହା ଏତେ ବଡ଼ ଯେ, ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ବଡ଼ ବେଲୁନ ସ୍ଥାପତ୍ୟଭାବେ ସ୍ଥାନ ପାଇଛି। ଉକ୍ତ ସ୍ଥାପତ୍ୟଟି ଦେଖିବାକୁ ଏକ ବଡ଼ କଳା ରଙ୍ଗର ବୁଢିଆଣୀ ପରି। ୨୦୧୧, ଅକ୍ଟୋବର ୬ ତରିଖରେ ବେଲୁନ ଆର୍ଟିଷ୍ଟ ଆଦାମ ଲି ଏହାକୁ ତିଆରି କରିଥିଲେ। ଏଥିପାଇଁ ସେ କାହାରି ସାହାଯ୍ୟ ଲୋଡି ନ ଥିଲେ। ଉକ୍ତ ବେଲୁନ ବୁଢିଆଣୀଟି ୪୫ ଫୁଟ ୨ ଇଞ୍ଚ ଓସାରର ଥିଲା। ଏଥିରେ ୨,୯୭୫ଟି ବେଲୁନ ବ୍ୟବହାର କରାଯାଇଥିଲା। ୱାଶିଂଟନ, ଗ୍ରାଣ୍ଡ ମାଉଣ୍ଟସ୍ଥ ଗ୍ରେଟ ଓଲ୍ଫ ଲଜ୍‌ରେ ଆଦାମ ଲି ଏହାକୁ ତିଆରି କରିଥିଲେ। ଉକ୍ତ ବେଲୁନ ବୁଢିଆଣୀଟି ଏତେ ବଡ଼ ଓ ବାସ୍ତବ ଲାଗୁଥିଲା ଯେ, ହଠାତ ଦେଖିଲେ ଭୟ ଲାଗୁଥିଲା। କୌଣସି କାହାଣୀର ଦୈତ୍ୟାକାର ବୁଢିଆଣୀ ପରି ତାହା ଥିଲା।

# କାଗଜ ଲଢ଼େଇ ପରେ..

## କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

ନାଁକୁ ବିକୃତକରି ସମ୍ବୋଧନ କରିବା ଆମ ଓଡ଼ିଆଙ୍କର ଅଭ୍ୟାସ । ସେଇ ନ୍ୟାୟରେ ଆମ ଅଞ୍ଚଳରେ ଚନ୍ଦ୍ରମଣିଙ୍କୁ ଡାକିଥାଉ ଚନ୍ଦରା । ଆଉ ଶୁକଦେବଙ୍କୁ ଶୁକୁଟା । ଗାଁ ପାଖ କଲେଜରୁ ଯୁକ୍ତ ତିନି ପାସ୍ କଲାପରେ– ଚନ୍ଦରା ଚାକିରି ପଛରେ ନ ଧାଇଁ ଗାଁ ମୁଣ୍ଡରେ ଚାଳିଆଟେ କରି 'ଚନ୍ଦରା ଚା ଦୋକାନ'ଲେଖି, ତା' ସାଥିରେ ବରା ପକୁଡ଼ି ଛାଣି ଭଲ ବେପାର କରୁଥିଲା। ଶୁକୁଟାର ପାଠରେ ଭଲ ନ ହେବାରୁ, ତା'ର ବାପ ସ୍କୁଲରୁ ମାଇନର ଯାଏ ପଢ଼େଇ ଉଠେଇଆଣି, ଆପଣା କୁଳବେଉସା –କେଶକଟା, ନିଶ ସାଇଜି, ଦାଢ଼ି ଖିଅର ଶିଖେଇ, ଚନ୍ଦରା ଚା'ଦୋକାନ ପାଖରେ ଗୋଟେ କାଠ କ୍ୟାବିନ ପକେଇ କର୍ମପନ୍ଥା ଧରେଇ ଦେଇଥିଲେ । ଉଭୟ ଦୋକାନୀ ଦୁଇପଟେ ଦୁଇଟା ଲମ୍ବା କାଠବେଞ୍ଚ ପକେଇ, ଗ୍ରାହକମାନଙ୍କ ପାଇଁ ବସିବା ସୁବିଧା କରିଦେଇଥିଲେ । ଗ୍ରାହକ ଚା' ଜଳଖିଆ ଖାଇବାକୁ ଅବା ସେଲୁନରେ ଖିଅର ହେବାକୁ ଆସି ବେଞ୍ଚରେ ବସି, ତାଙ୍କ ପାଳି ପଡ଼ିବା ଯାଏ ଅପେକ୍ଷା କରିବା ସମୟର ସଦୁପଯୋଗ କରନ୍ତି ଦୁଇ ଦୋକାନୀ ମଗାଉଥିବା ଅଲଗା ଅଲଗା ଖବରକାଗଜ ପଢ଼ି । ଖାଲି ସେମାନେ ଖବର କାଗଜ ପଢ଼ନ୍ତି ନାହିଁ, ବରଂ ଗାଁ ଲୋକଙ୍କ କଥାଠାରୁ ଆରମ୍ଭକରି ପାଇଖାନା ଠୁ ପାର୍ଲାମେଣ୍ଟ ଯାଏ ଚର୍ଚ୍ଚାକୁ ଅଧିକ ଫର୍ଚ୍ଚାରେ ଆଲୋଚନା କରନ୍ତି । ଲୋକେ ଯୁଗ ସହିତ ତାଳଦେଇ ଘରେ ଆଉ ଆଗଭଳି ଚୁଡ଼ା ଚକୁଳି, ପଖାଳ ନ ଖାଇ ଚନ୍ଦରା ଦୋକାନ ଚା–ଜଳଖିଆ ଖାଇବାକୁ ଏବଂ ଭଣ୍ଡାରି ଦୁଆରେ ଖିଅର ନ ହୋଇ ଶୁକୁଟା ସେଲୁନରେ କେଶ –ନିଶ ଦାଢ଼ି ସାଇଜି କରିବାକୁ ବେଶି ପସନ୍ଦକରି ନିଇତି ଭିଡ଼ ଜମାନ୍ତି । ଚର୍ଚ୍ଚାରେ ଥାଏ.. କାହାର ସ୍ୱଚ୍ଛ ଭାରତ ଯୋଜନାରେ ମିଳିଥିବା ପାଇଖାନା ଟଙ୍କା କିଏ ଖାଇଗଲା, ଆବାସ ଯୋଜନା ଟଙ୍କା କିଏ ବାଟମାରଣା କଲା, ରାସ୍ତାକାମ କି ନଈ ନାଳ ପୋଲ ନିର୍ମାଣ ବାବଦରେ କାମରେ କେମିତି ଖଇଚା କରି କିଏ ଟଙ୍କା କେତେ ଗିଳିଲା.. ଏମିତି କେତେକଥା । ତା' ଛଡ଼ା ଅମୁକ ନେତା ଭୋଟ ବେଳେ କେତେ ପ୍ରତିଶ୍ରୁତି ଦେଇ ଟିକଟ ପାଇ, ଜିତିଲାପରେ ଆଉ ଦିନେ ଅଞ୍ଚଳକୁ ମାଡିନାହାନ୍ତି, କିଏ ପାର୍ଲାମେଣ୍ଟରେ ବସି ଢୁଳାଉଛନ୍ତି ଇତ୍ୟାଦି କଥାର ସରଗରମ ଆଲୋଚନା ଚାଲିଥିବାବେଳେ, କିଛି ଚୁପଚାପ ବସି ଗଳଗଳ ଗଳୁଥିବା କଥାକୁ ଢକଢକ ପିଉଥାନ୍ତି ତ କିଏ ମଜା ଦେଖିବାକୁ ମଝିରେ ମଝିରେ ମରମଫଟା ମଞ୍ଜକଥା କହି ବଢିଆ ବାଗରେ ପିନ ମାରୁଥାନ୍ତି । ପୁଣି କିଏ କ୍ରିକେଟ ଖେଳରେ କାହିଁକି ଭାରତ ଶେଷରେ ହାରିଲା.. ତା'ର ବିଧିବଦ୍ଧ ତର୍ଜମା କରି ବଳିଷ୍ଠ ମନ୍ତବ୍ୟ ଦିଅନ୍ତି । ଏ ସବୁ ଗ୍ରାମ୍ୟ ମନୋରଞ୍ଜନ ତଥା ସମୟ ସାରିବାର ଗୋଟାଏ ଭିନ୍ନ ତରିକା । ଭାରତ ପାଇଁ ଶୃଙ୍ଖଳା ସ୍ୱପ୍ନଦେଖିବାର ଅପୂର୍ବ ମଉକା ।

ସେଦିନ ଥିଲା ରବିବାର । ଅନ୍ୟଦିନଠୁଁ ଦୁଇ ଦୋକାନରେ ଅଧିକ ଭିଡ଼ । ହଠାତ୍ ସବ୍ ଜାଣତା ବିରୋଧୀ ଦଳିଆ ବିରୁଆ, ତା' ଦାଢ଼ି ସାଇଜି କରିବାକୁ ଅପେକ୍ଷା କରିଥିବାବେଳେ, ଚନ୍ଦରା ମଗାଉଥିବା ଖବରକାଗଜ ଜଣଙ୍କ ହାତରୁ ଭିଡିଆଣି ପଢୁପଢୁ, ନାକକୁ ଫୁଲେଇ କହିଲା –ହଇରେ ଚନ୍ଦରା ! କାହିଁକି ଏ ସରକାରଙ୍କୁ ତେଲମରା ପେପର ମଗାଉଛୁ କିରେ ? ଏଥିରେ ତୁଚ୍ଛା ମିଛ ବାହାପିଆ କଥାକୁ ସତଭଳିଆ ବଢ଼େଇ ଚଢ଼େଇ ଖାଲି ଛପାହୋଇଛି ! ହୁଁ, ଦେଖ, ସେ ଶୁକୁଟା ଯୋଉ ପେପର ମଗାଉଛି.. ସେଥିରେ ଖାଲି ଖାଣ୍ଟି ସତକଥା କେମିତି ବାହାରୁଛି !

ଏମିତି କଥା ଶୁଣି, ଚନ୍ଦରାର ଚନ୍ଦ୍ରବଦନ ଶୁଖିଲା ବେଳକୁ, ଶୁକୁଟା ମୁହଁରେ ହସ ଉକୁଟି ଛାତି ତା'ର କୁଣ୍ଢେମୋଟ ହୋଇଗଲା । ଥଟ୍ଟା–ମଜାରେ ଶୁକୁଟା କହୁକହୁ କହିଦେଲା.. ବୁଝିଲ ଭାଇ ! ଚନ୍ଦରାକୁ ସେ ପେପରବାଲା, ତା' ଲାଭର କମିଶନି ତାକୁ ଦଉଛି ତ, ସେଇଥିପାଇଁ ସେ ସେଇ ଶସ୍ତା କାଗଜ ପରା ମଗାଉଛି । ଏକଥା ଶୁଣି, ଚନ୍ଦରା ଚାପିଥିବା ରାଗ –ଚାଉଁକିନା ମୁଣ୍ଡକୁ ଉଠିଗଲା । କହିଲା.. ବୁଝିଲୁ ଶୁକୁଟା ! ତୁ ଯେତିକିର ପିଲା–– ସେତିକିରେ ରହ । ବେଶି ମୁଣ୍ଡକୁ ଚଢ଼ିବୁ ତ.. ପୁଣି ଦେଖିବୁ ! ହଇରେ ! କିଏ ମତେ କମିଶନ ଦଉଛି.. ତୁ ଦେଖିଛୁ ? ପ୍ରମାଣ ଦବୁ ? ତୁ ଯୋଉ କାଗଜ ମଗାଉଛୁ, ତାକୁ କେତୁଟା ଲୋକ କିଣି ପଢୁଛନ୍ତି.. କହିଲୁ ? ବାସ, ଏଇକଥାରେ ଶୁକୁଟା ଜଣକ ଦାଢ଼ି ଅଧା ଖିଅର କରି ଖୁରକୁ ତରବରରେ ଧରି ବାହାରକୁ ଆସିଲା ବେଳକୁ ବିଚରା ଲୋକଟାର ନିଶ ଫାଳେ କଟି ତଳେ ପଡ଼ିଲାଣି, ତାକୁ ଜଣାନାହିଁ । ଗର୍ଜନକରି କହିଲା.. ଆରେ ହେ ଚନ୍ଦରା ! ବେଶି ଫୁଟାଣି ମାରି କହିବୁ ତ ଦେଖୁଚୁ ଏ ଖୁରକୁ! ସିଧା ଲଣ୍ଡାକରି ନାଁ ସାଙ୍ଗରେ ତୋ ଚେହେରାକୁ ସଜେଇଦେବି ! ତୋ ମୁଣ୍ଡରୁ ଗଣ୍ଡି ଅଲଗା





କରିଦେବି । ଚନ୍ଦରା ବିଚରା ସହେ କେତେକେ ? ଚାଳିଆରେ ଜଳୁଥିବା ଚୁଲାରେ ତତଲା ତେଲକଡେଇରେ ବରା ଛାଣୁଛାଣୁ ଜବର ପାଟିରେ କହିଲା.. ଆରେ ହେ ଶୁକୁଟା.. ଗୋଡ଼ ଫର୍କଟା, ଯେବେ ତୁ ଗୋଟେ ବାପର ବେଟା,–ଲଢ଼ିବୁ ଆ ! ମୁଁ ବାଘ ତୁ ଟା ହେଟା । ଚିହ୍ନିଚୁ ମତେ ! ଦେଖୁଚୁ ଏଇ ତତଲା ତେଲକଡ଼େଇ, ତୋ ଉପରେ ଢାଳି ଏମିତି ଦେବି ଗାଧେଇ ଯେ.. ତୋ ଚଉଦ ପୁରୁଷ ଚିହ୍ନିପାରିବେନି । ମରିଯିବୁ ।.... ଚାଲିଲା ଚୁଟି ଧରାଧରି.. ମୁଥ ମରାମରି। ବିଚରା ଉଭୟ ପଟର ଗ୍ରାହକ ଖାଲି ହାଁ ହାଁ.. ରୁହ ରୁହ କହୁଥାନ୍ତି ସିନା, ହେଲେ ଏ ଷଣ୍ଢମାର୍କା ଦୁଇ ଭେଣ୍ଡାଙ୍କ ଭିତରେ ପଶି କଳି ଛଡ଼ାଇବାକୁ ସାହସ କରୁ ନ ଥାନ୍ତି । ଯା ହଉ, ଯୋଗକୁ ସ୍ୱାଧୀନ ପ୍ରାର୍ଥୀ ହାରୁ ସରପଞ୍ଚେ –ନରି ମଉସା ସାଇକେଲରେ ଆସି ପହଞ୍ଚିଗଲେ । ସାହସକରି ଦିହିଁଙ୍କ ଭିତରେ ପଶି ଝଗଡ଼ା ବନ୍ଦ କରେଇ, ଏମିତି ଢଙ୍ଗରେ ମଧୁର କଥାରେ ବୁଝେଇଲେ ଯେ, ମାତ୍ର ଦଶ ମିନିଟ୍‌ରେ ଦୁଇ ଭେଣ୍ଡିଆ ସାଙ୍ଗଭଳିଆ କୁଣ୍ଢାକୁଣ୍ଢିହୋଇ ଯିଏ ଯାହା କାମରେ ମନଦେଲେ । ଝଡ଼ ପରେ ଥଣ୍ଡା ପଡ଼ିଲା ବେଳର ଘଟଣା, ତିନିଥର ଜିତି ସରପଞ୍ଚ ହୋଇଥିବା ଯୁବନେତା –ସ୍ୱାଇଁ ବାବୁ ଚା' ପିଇବାକୁ ବାଇକ ଚଢ଼ି ପହଞ୍ଚି ବେଞ୍ଚରେ ବସିଲେ । ଲୋକଙ୍କ ଚାପା ଆଲୋଚନାକୁ କାନଡେରି ଶୁଣି ଘଟଣା ସମ୍ପର୍କରେ ଜାଣିଲେ ଯେ, ହାରୁ ସରପଞ୍ଚେ ନରି ମଉସା, ସବୁତକ ପ୍ରଶଂସା ସାଉଁଟି ନେଇସାରିଛନ୍ତି ! ସ୍ୱାଇଁବାବୁଙ୍କ ଦେହ ଭାରି ଗଲୁକଲା । ତାଙ୍କର ଆଗକୁ ବଡ଼ ପଦବୀ ପାଇଁ ଟିକଟ ହାତେଇବାକୁ ଯୋଜନା ଅଛି । ତେଣୁ ଶାନ୍ତ ପଡ଼ିଥିବା ବାତାବରଣ ଭିତରକୁ ଜବରଦସ୍ତ କାଳବୈଶାଖୀ ଝଡ଼ ପୂରେଇଲା ଭଳିଆ –ଭଲେଇହେଇ କହିଲେ... ହୈରେ ଚନ୍ଦରା ! ତୁ ପରା ପଢ଼ିଛୁ ବିଏ ? ସିଏ ଶୁକୁଟା ତତେ କ୍ଷୁର ମାରିବାକୁ କିଏ ? ମତେ ଫୋନ କଲୁନି ? ତୁ ବୋକା ଏ ହାରୁ ସରପଞ୍ଚ କଥାରେ ଚୁପଚାପ ରହିଲୁ କେମିତିରେ ? ମୁଁ ଥିଲେ, ଭଲକି ଭଣ୍ଡାରୀ ପୁଅକୁ ପାନେ ଚଖେଇ ଗୋଟେ ପରମାନେଣ୍ଟ ଫଇସଲା କରିଦେଇଥାନ୍ତି । ମୋର ଏ ପ୍ୟାଚ ପକା କାମ.. ଜମାରୁ ପସନ୍ଦ ନୁହଁ । ମତେ କହିଲୁ କହିଲୁ.. ସେ ଶୁକୁଟା ତତେ କ'ଣ କହିଲା ?

ନିଆଁ ଲିଭିଲା ବେଳକୁ ପୁଣି ହୁତୁହୁତୁ ଜଳିଲା.. କଳିର ମୋଡ଼ ବଦଳିଲା । ମଉସା କହିଲେ.. ହୟୋ ସ୍ୱାଇଁ ପୁଅ ! ତମେ କେମିତି ଭୋଟ ପାଇ ଜିତୁଛ, ଆଉ ମୁଁ କାହିଁକି ହାରୁଛି, ଏ କଥା ଲୋକେ ଭଲରେ ଜାଣନ୍ତି । ମୁଁ ସିନା ଭୋଟରେ ହାରେ, ହେଲେ ମୁଁ, ମୋ ନୀତି –ଆଦର୍ଶକୁ କେବେ ହାରିବାକୁ ଦେଇନି । କିନ୍ତୁ ତମେ ? ଛାଡ଼, କ'ଣ ମୋ ତୁଣ୍ଡରୁ ବାହାରୁଥିଲାଟି....! ସ୍ୱାଇଁ ବାବୁ ନାକ ଫୁଲେଇ, ଆଖି ନାଲିକରି ହେଃ ହେଃ ହେଁ ହେଁ ହେଇ ଏମିତି କୁଟୁଳିଆ ହସ ହସି ରଡ଼ିକରି କହିଲେ.. ଆରେ ଯା.. ମ ! ମଲା ସାପର ପୁଣି ଫଁ ? ପୁଣି ଚାଲିଲା ତର୍କ–ବିତର୍କ.. ।

ଯା 'ହେଉ, କଥା ଆଗକୁ ବଢ଼ିବା ଆଗରୁ କାହାଠୁ ଖବର ପାଇ ଦୁଇ ସାଙ୍ଗ.. ଶୁକୁଟା ଓ ଚନ୍ଦରାଙ୍କ ବାପାମାନେ ପହଞ୍ଚିଯାଇ କହିଲେ –ଆଜ୍ଞା ! ଆପଣମାନେ ଆଉ ଆମ ପିଲାଙ୍କ କଥାରେ ମୁଣ୍ଡ ନ ପୂରେଇ, ଏଇଠି ପାଟିତୁଣ୍ଡ ନ କରି ଦୟାକରି ଯାଆନ୍ତୁ । ଆମକଥା ଆମେ ବୁଝିବୁ । ଶୁକୁଟା ବାପା କହିଲେ –ହେ ପୁଅ ! ମୁଁ ତୋ ହାତରେ ଯୋଉ ଖୁର କତୁରି ଧରେଇଛି, ସେଇଟା କାହା ଗଳା କାଟିବାକୁ ନୁହେଁ, ବରଂ ଅସୁନ୍ଦରିଆ ଦାଢ଼ିଆ ମୁହଁକୁ ସୁନ୍ଦର କରିବା –ଶିଖେଇଛି । ଆଉ ଚନ୍ଦରା ବାପା କହିଲେ –ଦେଖ ଚନ୍ଦରା ! ମୁଁ ଯୋଉ ଚାଳିଆ ଦୋକାନକରି ତେଲ, କଡ଼େଇ ଦେଇ ବସେଇଛି, ସେଇଟା କାହା ସୁନ୍ଦର ଦେହକୁ ପୋଡ଼ିବାକୁ ଦେଇନି, ବରଂ ଭୋକରେ ପେଟ ପୋଡ଼ିଯାଉଥିବା ଲୋକଙ୍କ ମୁହଁରେ ଆହାର ଦେବାକୁ ଦେଇଛି । ତମେ ଦିଇଟା ପର ବୁଦ୍ଧିରେ ଯାହା କରିବାକୁ ଯାଉଥିଲ, ତାହା ନିଜର ଘର ପୋଡି ଜେଲ ଯାଇ ମଶା ମାରିଥାନ୍ତ । ଆସ ଦୁହେଁ ! ପରସ୍ପରକୁ ଭୁଲ ମାଗି ଆମ ଭଳିଆ ଚାଲିବାକୁ ଆମ ମୁଣ୍ଡଛୁଇଁ ଶପଥକର ।... ସେଇଆ ହେଲା ।

ଆହା ! ଏମିତିଆ ଅପଢ଼ା ଅଶିକ୍ଷିତ ବାପାଙ୍କ ବୁଦ୍ଧିରେ ଏତେ ଶକ୍ତି ଏମିତି ପ୍ରୀତି ଥିଲା ଯେ, ସେଇଦିନୁ ମନକୁ ଯୋଡ଼ି ଚାଲିଲେ ଦି' ପିଲେ । ଶୁକୁଟା ନ ଥିଲେ, ଚନ୍ଦରା ତା' ଗ୍ରାହକଙ୍କ ଦାଢ଼ି, ନିଶ, କେଶ ସାଇଜି କରୁଥିଲା ତ ଚନ୍ଦରା ଅନୁପସ୍ଥିତିରେ, ତା' ଗରାଖମାନଙ୍କ ଭୋକିଲା ପେଟକୁ ବରା ପକୁଡି ଛାଣି ଖୁଆଉଥିଲା । ପରେ ସମ୍ପର୍କ ଏମିତି ବଢ଼ିଲା ଯେ ଶୁକୁଟା ଭଉଣୀ ଚନ୍ଦରାକୁ ବାହାହେଇ, ଶଳା –ଭିଣୋଇ ସମ୍ବନ୍ଧ ଯୋଡ଼ିଲା ବେଳକୁ, ଦି ଜଣଙ୍କ ବାପା –ସମୁଦୀ ପଦକୁ ପ୍ରମୋଶନ ହୋଇଯାଇଥିଲେ ।


*– ମଙ୍ଗରାଜପୁର, ପୁରୀ ମୋ: ୭୦୦୮୧୮୮୪୭*

## ପୁସ୍ତକ ସମୀକ୍ଷା

### ସାତସିଆଁ ଜୀବନର କବିତା

**ଅନ୍ନପୂର୍ଣ୍ଣା ଦେବୀ**
**ପ୍ରକାଶକ– ବସନ୍ତ ଆଚାର୍ଯ୍ୟ ସ୍ମୃତି ସଂସଦ**
**ଫ୍ରେଣ୍ଡସ୍ ବ୍ଲକ ଲେନ୍, ପୁରୀ–୨,ମୂଲ୍ୟ–୧୫୫ଟଙ୍କା**


'ସାତସିଆଁ ଜୀବନର କବିତା' ଅନ୍ନପୂର୍ଣ୍ଣା ଦେବୀଙ୍କ ପୁସ୍ତକ। ଏଥିରେ ବିଭିନ୍ନ ଧରଣର ୫୭ କବିତା ରହିଛି। ଜନ୍ମ, ମୃତ୍ୟୁ ଧ୍ରୁବ ସତ୍ୟ ହେଲେ ମଧ୍ୟ ମଣିଷ ଭିତରେ ଏମିତି କ'ଣ ରହିଛି ତାହା ଅପରିବର୍ତ୍ତନୀୟ। କାହା ପାଇଁ ଆକାଶ କେମିତି ତ ପୃଥିବୀ କେମିତି। ସମୁଦ୍ର ଗର୍ଭର ସ୍ଥିର ଜଳ ପରି ଈଶ୍ୱର ମନୁଷ୍ୟ ଭିତରେ ଆତ୍ମ ଗୋପନ କରି ସବୁ ଦେଖୁଥାନ୍ତି। ସେହି ସ୍ୱୟଂ କ୍ରିୟ ଅଭିବ୍ୟକ୍ତିରେ ଏ କବିତାଗୁଡିକ ପରିସ୍ଫୁଟ। କବିତାରେ ରହିଛି ଅନେକ ସ୍ମୃତି, ଆବେଗ ଓ ଅନୁଭବ। ମନ ତଳର ଉଚ୍ଛୁଳା ଭାବନାକୁ ନେଇ କବିତାଗୁଡିକର ଜନ୍ମ। ପ୍ରକାଶିତ କବିତା ଗୁଡ଼ିକ ପ୍ରେମ, ପରିଣୟ, ସଚେତନତା ଓ ଆତ୍ମଲିନ ବିହ୍ୱୋଳତା ଉପରେ ଆଧାରିତ। ଆଶା ପୁସ୍ତକଟି ପାଠକଙ୍କ ମନକୁ ବାନ୍ଧି ରଖିବ ।



### ସନ୍ଧି ବିଚ୍ଛେଦ

ସଦାଶିବ ମିଶ୍ର, ପ୍ରକାଶକ– ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ପୁରୀ, ମୂଲ୍ୟ–୧୫୫ଟଙ୍କା

'ସନ୍ଧି ବିଚ୍ଛେଦ' ସଦାଶିବ ମିଶ୍ରଙ୍କ ଗଳ୍ପ ସଂକଳନ । ଏଥିରେ ୨୨ଟି ଗଳ୍ପ ସ୍ଥାନ ପାଇଛି। ଏଥିରେ ସନ୍ନିବେଶିତ ଗଳ୍ପଗୁଡିକ ମୁଖ୍ୟତଃ ସାମାଜିକ ଜୀବନ, ପାରିବାରିକ ସମ୍ପର୍କକୁ ନେଇ ରଚିତ। ଏଥିରେ ପ୍ରତିଫଳିତ ହୋଇଛି ନିଜ ଜୀବନର ଅନୁଭୂତି, ଅନ୍ତରଙ୍ଗ ଅନୁଭବ ଆଖିଦେଖା ଚିତ୍ର ଓ ଚରିତ୍ରମାନଙ୍କ କଥା। ଅନେକ ପାଠକ ଏ ଗଳ୍ପ ଭିତରେ ନିଜକୁ ଆବିସ୍କାର କରିପାରନ୍ତି। ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତି ଭିତରେ ସାର୍ବଜନିନତାର ସ୍ପର୍ଶ ରହିଛି। ସନ୍ଧି ସ୍ଥାପନରୁ ବିଚ୍ଛେଦ ଯାଏ ଜୀବନର ନାନା ଉଠାଣି ଗଡାଣିଦେଇ ଗଳ୍ପଗୁଡିକ ଋଦ୍ଧିମନ୍ତ ହୋଇଛି। ଗଳ୍ପଗୁଡିକ ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।




### ତାରୁଣ୍ୟର ଅଭିଷେକ ଓ ଅନ୍ୟାନ୍ୟ ପ୍ରସଙ୍ଗ

**ମୋହନ ଚରଣ ବିଷି, ପଞ୍ଚିମା ପବ୍ଲିକେଶନ୍‌ସ**
**ଭୁବନେଶ୍ୱର–୧୨, ମୂଲ୍ୟ–୧୧୯ଟଙ୍କା**

ତାରୁଣ୍ୟର ଅଭିଷେକ ମୋହନ ଚରଣ ବିଷିଙ୍କ ଲଳିତ ନିବନ୍ଧ ପୁସ୍ତକ। ପ୍ରଥମ ନିବନ୍ଧ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି। ଏଥିରେ ପ୍ରତିଦିନ ଆମ ଚାରିପାଖରେ ଘଟୁଥିବା ଘଟଣାକୁ ନେଇ ଲେଖାଯାଇଛି। ଯେଉଁଭଳି ପ୍ରଥମ ନିବନ୍ଧରେ ଜଣେ ଛାତ୍ରଙ୍କୁ ଗୁରୁ ୧୦ଟି ଖାତା ଦେଲେ, କହିଲେ ମୁଁ ଭଲ ମଣିଷ ହେବି ବୋଲି ଲେଖିବା ଲାଗି । ଖାତା ପୂରଣ ନ ହେବା ଯାଏ ତୁମକୁ ଖାଇବା ପିଇବା କିଛି ଦିଆଯିବ ନାହିଁ। ଛାତ୍ର ଜଣକ ୯ଟା ଖାତା ଲେଖି ସାରିବା ପରେ ଆଉ ବଳ ପାଇଲା ନାହିଁ । ୧୦ ନମ୍ବର ଖାତା ଲେଖି ପାରିବ ନାହିଁ ବୋଲି ମନାକଲା । କିନ୍ତୁ ଗୁରୁ କହିଲେ ତୁମ ଭିତରେ ସମ୍ଭାବନା ରହିଛି । ତୁମେ ହିଁ ପାରିବ । ଏମିତି ଅନେକ ନିବନ୍ଧ ଅଛି ଯାହା ଉଚ୍ଚ କୋଟିର । ପୁସ୍ତକର ଭବିଷ୍ୟତ ଉଜ୍ଜ୍ୱଳ ।




# ୧୦୦ ବର୍ଷୀୟା ଯୋଗ ଟ୍ରେନର୍

ବୟସ କେବଳ ଏକ ନମ୍ବର, ତାହା ପ୍ରମାଣ କରି ଦେଖାଇଥିଲେ ଆମେରିକା, ନ୍ୟୁୟର୍କରେ ରହୁଥିବା ୧୦୦ ବର୍ଷୀୟା ତାଓ ପୋର୍ଚନ ଲିଞ୍ଚ। ଏତେ ବୟସରେ ବି ସେ ଲୋକଙ୍କୁ ଯୋଗ ଟ୍ରେନିଂ ଦେଉଥିଲେ। ଫଳରେ ସେ ପୃଥିବୀର ସବୁଠାରୁ ବୟସ୍କା ଯୋଗ ଟ୍ରେନରର ଆଖ୍ୟା ବି ପାଇଥିଲେ। ୧୯୧୮, ପୁଡୁଚେରୀରେ ଜନ୍ମିତା ତାଓ ଭାରତରେ ବଢ଼ିଥିଲେ। ପରେ ସେ ଆମେରିକାରେ ସ୍ଥାୟୀ ବାସିନ୍ଦା ହୋଇଥିଲେ। ତାଙ୍କ ମା' ମଣିପୁରୀ ଓ ବାପା ଫ୍ରାନ୍ସର ଥିଲେ। ତେବେ ଖୁବ୍ ଛୋଟବେଳେ ତାଙ୍କ ମା'ଙ୍କ ମୃତ୍ୟୁ



ହୋଇଯାଇଥିଲା। ସମ୍ପର୍କୀୟଙ୍କ ଘରେ ସେ ବଡ଼ ହୋଇଥିଲେ। ଆଉ ୮ ବର୍ଷ ବୟସରେ ସେ ପ୍ରଥମେ ଯୋଗ କରିବା ଆରମ୍ଭ କରିଥିଲେ। ପରେ ସେ ବଡ଼ ବଡ଼ ନାମୀ ଯୋଗ ପ୍ରଶିକ୍ଷକ ଯେମିତିକି ଶ୍ରୀ ଅରବିନ୍ଦ, ଇନ୍ଦିରା ଦେବୀ, ଦୀପକ ଚୋପଡ଼ା ଆଦିଙ୍କ ଠାରୁ ତାଲିମ ନେଇଥିଲେ। ଯୁବାବସ୍ଥାରେ ସେ ପ୍ରଶିକ୍ଷକ ପାଲଟି ଯାଇଥିଲେ। ଆଉ ୧୦୦ବର୍ଷ ବୟସର ହେବା ପରେ ବି ଯୋଗ ଶିକ୍ଷା ଦେଉଥିଲେ। କାରଣ ଯୋଗ ତାଙ୍କ ପାଇଁ ଜୀବନ ଥିଲା। ୨୦୨୦ରେ ତାଙ୍କ ମୃତ୍ୟୁ ହୋଇଥିଲା।







# ଭାରତର ସ୍ପାଇଡରମ୍ୟାନ

ମାର୍ବଲ କମିକ୍ସର ସୁପର ହିରୋ 'ସ୍ପାଇଡରମ୍ୟାନ' ପ୍ରାୟ ସମସ୍ତଙ୍କର ପ୍ରିୟ। ସେ ଯେମିତି କାନ୍ଥ ବାଡ ଚାରିଆଡେ ଚଢିଯାଏ ତାହା ସମସ୍ତଙ୍କୁ ବହୁତ ଭଲ ଲାଗେ। ଏହା ତ ଏକ କାଳ୍ପନିକ କାହାଣୀ। ହେଲେ ଭାରତରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ କାରନାମା ଦେଖିଲେ ହଲିଉଡର ସ୍ପାଇଡରମ୍ୟାନ କଥା ମନେପଡ଼ିଯିବ। ତାଙ୍କ ନାମ ହେଉଛି ଜ୍ୟୋଥିରାଜ। କର୍ନାଟକର ଚିତ୍ରଦୁର୍ଗା ଅଞ୍ଚଳର ନିବାସୀ ଜ୍ୟୋଥିଙ୍କୁ ଅନେକେ ସ୍ପାଇଡରମ୍ୟାନ ଅଫ୍ କର୍ନାଟକ ବୋଲି ଡାକନ୍ତି। କାରଣ ସେ କାନ୍ଥ, ପାହାଡ ଆଦିକୁ ବିନା କୌଣସି ସେଫ୍ଟି ହାରନେସ୍ ସାହାଯ୍ୟରେ ବେଶ୍ ଆରାମରେ ଓ ବେଶ୍ ଦ୍ରୁତ ବେଗରେ ଚଢି ଯାଆନ୍ତି। ସେ ଚଢୁଥିବାବେଳେ ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇଯାଆନ୍ତି। କର୍ନାଟକର ୮୩୦ ଫୁଟ୍‌ର ଉଚ୍ଚା ଫଗ୍ ଜଳପ୍ରପାତକୁ ବି ସେ ଜଳ ପ୍ରବାହର ବିପରୀତରେ ଚଢିଥିଲେ। ହୁବଳି ମୁରୁସାବୀର ମଠରେ ଥିବା କ୍ଲକ୍ ଟାୱାରକୁ ତ ସେ ମାତ୍ର ୧୫ ମିନିଟରେ ଚଢିଥିଲେ। ଚଢିବାବେଳେ ସେ ସେଫ୍ଟି ହାରନେସ୍ ବ୍ୟବହାର କରନ୍ତି ନାହିଁ। କେବଳ ଚକ୍‌ଗୁଣ୍ଡକୁ ଗ୍ରିପ୍ ପାଇଁ ବ୍ୟବହାର କରନ୍ତି। ସେଇଥିପାଇଁ ତ ଲୋକେ ତାଙ୍କୁ ଭାରତର ସ୍ପାଇଡରମ୍ୟାନ କହୁଛନ୍ତି।



# ସବୁଠୁ ଛୋଟ କାର୍



ଦ ପିଲ୍ ପି୫୦ ହେଉଛି ପୃଥିବୀର ସବୁଠାରୁ ଛୋଟ କାର୍। ଏହା ଏତେ ଛୋଟ ଯେ ତା' ଭିତରେ ଜଣେ ବସିବା କଷ୍ଟକର। ଆଉ ଏତେ ହାଲ୍‌କା ଯେ ଏହାକୁ ଜଣେ ବ୍ୟକ୍ତି ଟେକି ପାରିବେ। ତେବେବି ଏହା କାର୍ଯ୍ୟକ୍ଷମ ଓ ଇକୋ ଫ୍ରେଣ୍ଡଲୀ ଅଟେ। କାର୍‌ଟିର ଓଜନ ମାତ୍ର ୫୯ କି.ଗ୍ରା.। ଘଣ୍ଟାପ୍ରତି ୬୧ କି.ମି ବେଗରେ ଏହା ଗତି କରେ। ଏହାର ଲମ୍ବ ୫୪ ଇଞ୍ଚ, ଓସାର ୩୯ ଇଞ୍ଚ ଏବଂ ଓଜନ ୫୯ କି.ଗ୍ରା.। ଏହି ଗାଡ଼ିରେ ଗୋଟିଏ ଲାଇଟ୍, ତିନୋଟି ଚକ, ଗୋଟିଏ ସିଟ୍, ଗୋଟିଏ ଏଣ୍ଟ୍ରି ୱେ ଏବଂ ୱିଣ୍ଡଶିଲ୍ଡ ୱାଇପର୍ ଅଛି। ପେଟ୍ରୋଲରେ ଚାଲୁଥିବା ଉକ୍ତ ଗାଡିଟି ଏକ ଖେଳଣା ପରି ଲାଗେ। କିନ୍ତୁ ଏହା ଏକ ସତ ସତିକା ଗାଡି।